

**ମାଲକାନଗିରି ଜିଲା ଜଳାର୍ଣ୍ଣବ–** ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି ।



କାଙ୍ଗୁରୁକୋଣ୍ଡା ପୋଲ ଉପରେ ଚାଲିଥିବା ବନ୍ୟାଜଳରେର ପଶି ଲୋକେ ଯାଉଛନ୍ତି ।



ବନ୍ୟାଜଳରେ ବୁଡି ରହିଥିବା ଅଞ୍ଚଳ ।



ପାଣି ଛାଡିବାକୁ ଲୋକେ ଅପେକ୍ଷା କରିଛନ୍ତି ।

■ଶହୀଦ ସପ୍ତାହ ଆରମ୍ଭ

# ସରକାରୀ ବସ୍ ଚଳାଚଳ ବନ୍ଦ

ମାଲକାନଗିରି/କାଲିମେଳା, ୨୮।୭(ଡି.ଏନ.ଏ)

■ପ୍ରଥମ ଦିନରେ ଘଟିନି ହିଂସା
■ଲୋକଙ୍କ ମନରେ ରହିଛି ଭୟ,ଆଶଙ୍କା
■ମାଓବାଦୀ ତିଆରି କରିଛନ୍ତି ଶହୀଦ ସ୍ତୁପ

ମାଓବାଦୀମାନେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ କରୁଛନ୍ତି। ଏଥିପାଇଁ ମାଲକାନଗିରି ଜିଲା ସମେତ ଜିଲାର ବିଭିନ୍ନ ସ୍ଥାନକୁ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି । ରବିବାର ପ୍ରଥମ ଦିନରେ କୌଣସି ହିଂସାକାଣ୍ଡ ଘଟିନାହିଁ। ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଏହି ଶହୀଦ ସପ୍ତାହ ପାଳନ କରାଯାଉଥିବାରୁ ପୋଲିସ ପ୍ରଶାସନ ସତର୍କ ରହିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କୋମ୍ବିଂ ଅପରେଶନକୁ ମଧ୍ୟ ଜୋରଦାର କରାଯାଇଛି। ବିଭିନ୍ନ ସ୍ଥାନରେ ଗାଡିମୋଟର ଅଟକାଇ ଯାଞ୍ଚ କରାଯାଉଛି। ବ୍ରହ୍ମପୁର, ଭୁବନେଶ୍ୱର, ବିଶାଖାପାଟଣା, ବିଜୟନଗରମ୍, କଟକ ଏବଂ ଜୟପୁରରୁ ମୋଟୁ, କାଲିମେଳା,ଏମଭି–୭୯, ମୋଟୁ ଓ ପଡ଼ିଆ ବ୍ଲକକୁ ଆସୁଥିବା ସମସ୍ତ ସରକାରୀ ବସ୍ ଚଳାଚଳ ବନ୍ଦ ଥିବା ଜଣାପଡ଼ିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଜିଲାରେ କେତେକ ଘରୋଇ ବସ୍ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ମାଓବାଦୀମାନେ ଶହୀଦ ସପ୍ତାହ ଭିତରେ ମାଲକାନଗିରିରୁ ମୋଟୁ,ଏମଭି–୭୯, ପଡ଼ିଆ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାରେ ଗଛକାଟି ରାସ୍ତା ଅବରୋଧ କରୁଥିଲେ। ବର୍ତ୍ତମାନ ମାଲକାନଗିରିରୁ ମୋଟୁ ଜାତୀୟ ରାଜପଥର ପୋଟେରୁଠାରୁ ମୋଟୁ ପର୍ଯ୍ୟନ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବାରୁ ମାଓବାଦୀମାନେ ଆଉ ଗଛକାଟି ରାସ୍ତା ଅବରୋଧ କରିବାକୁ ସାହାସ କରିପାରୁନାହାନ୍ତି। ଉକ୍ତ ରାସ୍ତାରେ ଯବାନମାନେ ୨୪ ଘଣ୍ଟିଆ ପାଟ୍ରୋଲିଂ କରୁଛନ୍ତି। ତଥାପି ଲୋକଙ୍କ ମନରେ ଭୟ ଓ ଆଶଙ୍କା ରହିଛି । ଶହୀଦ ସପ୍ତାହପାଳନ ସମୟରେ ମାଓବାଦୀମାନେ ବିଭିନ୍ନ ଗ୍ରାମରେ ନାଚଗୀତ କାର୍ଯ୍ୟକ୍ରମ କରି ବିଭିନ୍ନ ଦୁର୍ଗମ ଅଞ୍ଚଳରେ ସ୍ଥାପନ କରିଥିବା ଶହୀଦ ସ୍ତମ୍ଭରେ କମ୍ରେଡ଼ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥାନ୍ତି। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରପ୍ରଦେଶ, ବିଶାଖାପାଟଣା ଜିଲାର ଗ୍ରାମାଞ୍ଚଳଗୁଡିକରେ ମଧ୍ୟ ମାଓବାଦୀମାନେ ଶହୀଦ ସ୍ତୁପ ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ତେବେ ପ୍ରତିବର୍ଷ ଶହୀଦ ସପ୍ତାହରେ ମାଓବାଦୀମାନେ ଲାଲ ସ୍ତୁପ ନିର୍ମାଣ କରୁଥିବା ବେଳେ ଚଳିତବର୍ଷ ଧଳା ସ୍ତୁପ ଦେଖିବାକୁ ମିଳିଛି। ଏହି ଧଳା ସ୍ତୁପରେ ଗ୍ରାମାଞ୍ଚଳରେ ମୃତ୍ୟୁବରଣ କରିଥିବା ଆଦିବାସୀମାନଙ୍କ ନାମ ଉଲ୍ଲେଖ ରହିଛି। ଏହାକୁ ଶାନ୍ତିସ୍ତୁପ ନାମରେ ଅଭିହିତ କରାଯାଇଛି। ଏ ସମ୍ପର୍କରେ ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି ଯେ, ପୋଲିସ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଯେକୌଣସି ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ସଜାଗ ଅଛି।



ମାଓବାଦୀମାନେ ତିଆରି କରିଥିବା ଧଳାସ୍ତୁପ ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

କାଲିମେଳା,୨୮।୭(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ କଇମେଟଲା ଗ୍ରାମର ଜଣେ ଆଦିବାସୀ ନାବାଳିକା ଏକ ସପ୍ତାହ ଧରି ନିଖୋଜ ଥିବା ଜଣାପଡିଛି । ଏ ନେଇ ନାବାଳିକାଙ୍କ ବାପା ତାଙ୍କ ଝିଅକୁ କେହି ଅପହରଣ କରି ନେଇଥିବା ସନ୍ଦେହ କରି ଶନିବାର କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେ ତାଙ୍କ ଏତଲାରେ ଉଲେଖ କରିଛନ୍ତି ଯେ ତାଙ୍କ ଝିଅକୁ ଏମଭି–୬୮ ଗ୍ରାମର ଶଶଧର ମଜୁମଦାରଙ୍କ ପୁଅ ଅନୁ ମଜୁମଦାର ଭଲପାଇ ଆସୁଥିଲେ । ତାଙ୍କର ଝିଅ ଏଥିରେ ରାଜି ନଥିଲେ। ତେବେ ଗତ ୨୩ ତାରିଖ ଦିନ ଘରେ ଘରେ କେହି ନ ଥିଲେ। ଝିଅ ଏକା ଥିଲା। ସେବେଠାରୁ ଝିଅ କୁଆଡେ ନିଖୋଜ ହୋଇଯାଇଛି । ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ଝିଅକୁ ପାଇନହାନ୍ତି ବୋଲି ନାବାଳିକାଙ୍କ ବାପା ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ୧୨୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେରଣା ଉତ୍ସ କାର୍ଯ୍ୟକ୍ରମ



ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ସମ୍ପର୍କରେ ଅବଗତ କରାଯାଉଛି ।

ମାଲକାନଗିରି,୨୮।୭(ଡି.ଏନ୍.ଏ.)– ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରେରଣାର ଉତ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଡ. ମହେନ୍ଦ୍ର କୁମାର ମିଶ୍ର, ମୁଖ୍ୟବକ୍ତା ଡ. ରୂପେ ଶ୍ରୀଚନ୍ଦନ ମିଶ୍ର, ସମ୍ମାନିତ ଅତିଥି ରୂପେ ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିୟମିତ ପାଠ ପଢ଼ିବା ସହିତ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ପତ୍ର ବିନିମୟ ମାଧ୍ୟମରେ ଉଚ୍ଚଶିକ୍ଷାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ତଫସିଲଭୁକ୍ତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ମାଧ୍ୟମରେ ମାଗଣାରେ ଉଚ୍ଚଶିକ୍ଷିତ କରିବା ପାଇଁ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ସ୍ନାତକ ଡିଗ୍ରୀ କରିବା ଲାଗି ସୁଯୋଗ ରହିଛି ବୋଲି ସେ କହିଛନ୍ତି। ମାଲକାନଗିରି ଭଳି ପଛୁଆ ଅଞ୍ଚଳର ଉଚ୍ଚଶିକ୍ଷାର ବିକାଶ ପାଇଁ ସମସ୍ତ ଚାକିରିଆ ଏବଂ ଘରୋଇ ମହିଳାମାନେ ଏହାର ସୁଯୋଗ ନେବାକୁ ମିଶ୍ର ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗ ମୁଖ୍ୟ ଗୌତମ କୁମାର ନାୟକ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅରୁଣ କୁମାର ପାଣ୍ଡରାଙ୍ଗୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ୨୮୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବେଆଇନ ରନ୍ଧନ ଗ୍ୟାସ କାରବାର ପ୍ରଶାସନ ନୀରବ



ଗୁମ୍ମା,୨୮।୭- ଦୀର୍ଘଦିନ ଧରି ସଦର ଗୁମ୍ମା ଠାରେ ବେଆଇନ ଭାବେ ରନ୍ଧନ ଗ୍ୟାସ କାରବାର ଚାଲିଥିବା ଅଭିଯୋଗ ହେଉଛି । ଜଣେ ବ୍ୟକ୍ତି ଲାଇସେନ୍ସ ନଥାଇ ଏହାକୁ ପରିଚାଳନା କରିବା ସହ ନିର୍ଭୟରେ ଗ୍ୟାସ କାରବାର ଚଳାଇଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍ଥାନୀୟ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସେ ଗ୍ୟାସ ସିଲିଣ୍ଡର ଗୋଦାମ କରି କାରବାର କରୁଛନ୍ତି। ଏଠାରୁ ମାତ୍ର ୨ଶହ ମିଟର ଦୂରରେ ୩ଟି ସରକାରୀ ଶିକ୍ଷା ଅନୁଷ୍ଠାନ ରହିଛି। କେବେ କିଛି ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆଇନ ଅନୁଯାୟୀ କୋଣସି ଜନବସତି ସ୍ଥାନରେ ବେଆଇନ ଭାବେ ଗ୍ୟାସ ପୂର୍ଣ୍ଣ ସିଲିଣ୍ଡର ରଖାଯାଇପାରିବ ନାହିଁ। ତେବେ ସେ ସମସ୍ତ ନିୟମ ଉଲ୍ଲଂଘନ କରୁଥିବା ଜଣାପଡିଛି । ଏହାର ତଦନ୍ତ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ କୌଣସି ଅଘଟଣକୁ ଏଡାଯାଇ ନପାରେ।

### ଆସନ୍ତା ମାସରୁ ରାଶନରେ ମିଳିବ ମାଣ୍ଡିଆ

ଚିତ୍ରକୋଣ୍ଡା,୨୮।୭(ଡି.ଏନ.ଏ.)- ଆସନ୍ତାମାସଠାରୁ ଚିତ୍ରକୋଣ୍ଡା ବ୍ଲକର ସମସ୍ତ ୧୮ଟିଯାକ ପଞ୍ଚାୟତରେ ରାଶନ ସାମଗ୍ରୀ ସହ ମାଣ୍ଡିଆ ପ୍ରଦାନ କରାଯିବ। ବ୍ଲକରେ ମାଣ୍ଡିଆ ପହଞ୍ଚିଛି। ପ୍ରତି ପରିବାରକୁ ୨ କିଲୋ ମାଣ୍ଡିଆ ମିଳିବ ବୋଲି ଜଣାପଡିଛି।

### ଚିତ୍ରକୋଣ୍ଡାରେ ଲଗାଣ ବର୍ଷା ଜାରି

ଚିତ୍ରକୋଣ୍ଡା,୨୮।୭(ଡି.ଏନ.ଏ.)- ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ଗ୍ରାମ ପଞ୍ଚାୟତରେ ୩ ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଏହି ବର୍ଷା ଚାଷୀକୁଳକୁ ଆଶ୍ୱସ୍ତ କରିଛି। ବର୍ଷା ଯୋଗୁ ସାପ୍ତାହିକ ହାଟରେ ବ୍ୟବସାୟ ମାନ୍ଦା ପଡିଛି। ପରିବା ଦର ଅଧିକ ଥିବା ଦେଖିବାକୁ ମିଳିଛି।

■କିରୋସିନ ଡିପୋରେ ଚଢ଼ାଉ

# ୧୫ ହଜାର ଲିଟର କିରୋସିନ ଜବତ

କାଲିମେଳା,୨୮।୭(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ସଦର ମହକୁମା ତେଲୁଗୁ ସାହି ନିକଟରେ ଥିବା ଏକ କିରୋସିନ ଡ଼ିପୋ ଉପରେ କାଲିମେଳା ପୋଲିସ ଶନିବାର ସନ୍ଧ୍ୟାରେ ଚଢ଼ାଉ କରିଛି। ସେଠାରେ ବେଆଇନ ଭାବରେ ଗଛିତ ଥିବା କିରୋସିନ ଜବତ କରିଥିବା ଜଣାପଡ଼ିଛି। ଏହି କିରୋସିନ ପୋଲିସ ଥାନାକୁ ଆଣି ରଖିଛି । ଏହି ଡିପୋଟି ବହୁ ବର୍ଷ ଧରି ବିନା ଲାଇସେନ୍ସରେ ଚାଲୁଥିବା ଖବର ପାଇ ଏସପିଙ୍କ ନିର୍ଦ୍ଦେଶରେ କାଲିମେଳା ଆଇଆଇସି ଚନ୍ଦ୍ରଶେଖର ଶବରଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଏସଆଇ ଶମ୍ଭୁନାଥ ଦଳବେହେରା,ଏଏସଆଇ ଗୋବିନ୍ଦ ପାତ୍ର,କନଷ୍ଟେବଳ ପୁରୁଷୋତ୍ତମ ରାୟ, ସଞ୍ଜୀବ ହୀରା, ଉମାକାନ୍ତ ପଟ୍ଟନାୟକ ଚଢାଉରେ ସାମିଲ ହୋଇଥିଲେ। ୭୫ଟି ବ୍ୟାରେଲରେ ଗଚ୍ଛିତ ଥିବା ପ୍ରାୟ ୧୫ ହଜାର ଲିଟର କିରୋସିନ ଜବତ ହୋଇଛି। ସେଠାରେ ଥିବା ବିଭିନ୍ନ କାଗଜପତ୍ରକୁ ମଧ୍ୟ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ। ଥିବା କାଲିମେଳାର ବି. ଭାସ୍କର ରାଓଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ବହୁ ବର୍ଷ ହେଲା ସବ୍‌ଡ଼ିଲର ବ୍ୟବସ୍ଥାକୁ ଉଚ୍ଛେଦ କରି ଦେଇଥିଲେ । ମାତ୍ର ଭାସ୍କର ଜୟପୁରରେ ଥିବା ରାବା ରାମକ୍ରିଷ୍ଣା ଡ଼ିଲରଙ୍କଠାରୁ ମାସିକ ଲକ୍ଷାଧିକ ଲିଟର କିରୋସିନ ଆଣି ବେଆଇନ ଭାବରେ ନିଜ ଘରେ ହଜାର ହଜାର ଲିଟର କିରୋସନ ଗଛିତ ରଖି କାଲିମେଳା ଅଞ୍ଚଳରେ ଚଢା ଦରରେ ବିକ୍ରି କରୁଥିଲେ। ଏପରିକି ବ୍ୟାରେଲ ପିଛା ୨୦୦ ଲିଟର କିରୋସିନ ରହିବା ବଦଳରେ ୧୮୦ ଲିଟର ରହୁଥିବା ବହୁ ଦିନରୁ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏ ନେଇ କେହି ମୁହଁ ଖୋଲୁ ନ ଥିଲେ କି ଯୋଗାଣ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା। ଦୀର୍ଘ ଦିନ ହେଲା ରାଓ ଏପରି ଭାବରେ ବେଆଇନ କାରବାର କରିଆସୁଥିବା ସମ୍ପର୍କରେ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଚଢାଉ ସମୟରେ ରାଓ ପୋଲିସକୁ ନିଜ ଡିପୋର କୌଣସି ଲାଇସେନ୍ସ ଦେଖାଇ ପାରି ନ ଥିଲେ। ତାଙ୍କୁ ଥାନାକୁ ନେଇ ପଚରାଉପଚା କରାଯାଇଛି। ଅଧିକ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ଚନ୍ଦ୍ରଶେଖର ଶବର କହିଛନ୍ତି। ରାଓଙ୍କ ଗୋଦାମକୁ ସିଲ କରାଯାଇଛି। ଏ ନେଇ ପୋଲିସ ୧୨୧/୧୯, ଧାରା ୭ ଇସି ୧୯୫୫ରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ଏତଦ୍‌ବ୍ୟତୀତ ଏମଭି–୭୯,ଏମଭି–୮୨ ଏବଂ ପଡିଆ ଅଞ୍ଚଳରେ ମଧ୍ୟ ଏଭଳି ବେଆଇନ କିରୋସିନ ଡିପୋ ଚାଲିଥିବା ଖବର ମିଳିଛି।



ଜବତ ହୋଇଥିବା କିରୋସିନ ।

■ବେଆଇନ ଭାବେ ଗଚ୍ଛିତ ଥିଲା
■ଚଢ଼ା ଦରରେ ବିକ୍ରି ହେଉଥିଲା
■ଅଭିଯୋଗ ହେଉଥିଲେ ମଧ କେହି ମୁହଁ ଖୋଲୁ ନ ଥିଲେ

■ମାଓବାଦୀ ଅଞ୍ଚଳରେ ଉଦାହରଣ

# ପାଲଟିଛନ୍ତି ସ୍ୱାସ୍ଥ୍ୟକର୍ମୀ ପୁଷ୍ପା

ମାଲକାନଗିରି,୨୮।୭(ଡି.ଏନ.ଏ.)

ଦୀର୍ଘ ୧୧ ବର୍ଷ ଧରି ମାଓବାଦୀ ଅଞ୍ଚଳରେ ଲୋକଙ୍କ ସେବାରେ ଲାଗିଛନ୍ତି ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ। ଗତ ବର୍ଷେ ହେଲା ସେ ନିଜେ କ୍ୟାନସର ରୋଗରେ ପିଡିତ ହୋଇ ମଧ ସେବାକାର୍ଯ୍ୟରୁ ଓହରିଯାଇନାହାନ୍ତି। ତାଙ୍କ ସେବା କାର୍ଯ୍ୟ ପାଇଁ ଆଦିବାସୀ ଅଞ୍ଚଳରେ ଲୋକେ ତାଙ୍କୁ ଆଦିବାସୀଙ୍କ ମଦର ଟେରେସା ବୋଲି କହୁଛନ୍ତି। ତାଙ୍କ ନାମ ପୁଷ୍ପା ତିଗା। ପୁଷ୍ପା ବଣ ଜଙ୍ଗଲ ଘେରା ୧୬ କିଲୋମିଟର ଦୂରରେ ଥିବା ଅଞ୍ଚଳକୁ ସାଇକେଲରେ ଯାଆନ୍ତି। ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଅନ୍ତି। ମାଲକାନଗିରି ସୀମାନ୍ତ ସୁକୁମା ଜିଲାର ମାଓବାଦୀ ଉପଦ୍ରୁତ କୁର୍ନା ଅଞ୍ଚଳରେ ସେ ସେବାକରିବା ପାଇଁ ଆଗେଇ ଆସିଛନ୍ତି। ୧୧ ବର୍ଷ ଧରି ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ପୁଷ୍ପା ପେଷାରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ। ବର୍ଷେ ହେଲା କ୍ୟାନ୍ସର ଭଳି ମାରାତ୍ମକ ରୋଗରେ ସେ ପିଡିତ। ତେବେ ଏହା ତାଙ୍କ ମନୋବଳକୁ କମାଇ ଦେଇନି। ରାସ୍ତାଘାଟ ନ ଥିବା,ଯାନବାହନ ଚଳାଚଳ ନଥିବା ଏହି ଅଞ୍ଚଳରେ ସେ ୧୬ କିଲୋମିଟର ଜଙ୍ଗଲିଆ ରାସ୍ତାରେ ସାଇକେଲ ଚଳାଇ ଯାତାୟାତ କରନ୍ତି। ଏଯାବତ୍ ସେ ୫୦ଟି ପ୍ରସୂତିଙ୍କ ଡେଲିଭରି ସଫଳତାର ସହ କରିଛନ୍ତ। ଲୋକଙ୍କ ସେବା ହିଁ ପରମ ଧର୍ମ ବୋଲି ମାନିଥିବା ପୁଷ୍ପା ତିଗା କୁହନ୍ତି ସେ ଡ୍ୟୁଟିରେ ଯୋଗ ଦେବା ବେଳେ ଅଞ୍ଚଳର ପରିସ୍ଥିତି ବହୁତ ଖରାପ ଥିଲା। ଟିକା ଡବା ଧରି ସେ ଚାଲି ଚାଲି ପାହାଡ, ନଦୀ, ନାଳ ପାର ହୋଇ ଲୋକଙ୍କ ନିକଟରେ ପହଞ୍ଚୁଥିଲେ। ଆଜି ଚାଲିବା ବଦଳରେ ସାଇକେଲ ତାଙ୍କ ଯାତ୍ରାପଥର ମାଧ୍ୟମ ସାଜିଛି। ମତେ ଅନ୍ୟତ୍ର ବଦଳି ପାଇଁ ପ୍ରସ୍ତାବ ଦେଇଥିଲେ। ମୁଁ ବଦଳି ପାଇଁ ମନା କରିଦେଇଥିଲି ବୋଲି କହନ୍ତି ପୁଷ୍ପା। ତାଙ୍କ ବଦଳିକୁ ଅଞ୍ଚଳବାସୀ ବିରୋଧ କରିଥିଲେ ବୋଲି କହନ୍ତି ସୁପରଭାଇଜର ସୋହନ କଶ୍ୟପ। ସେ କହିନ୍ତି ପୁଷ୍ପା ଙ୍କ ସେବା ମନୋବୃତ୍ତି ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଉଦାହରଣ ପାଲଟିଛି।



ସାଇକେଲରେ ଯାଉଛନ୍ତି ପୁଷ୍ପା ।

### ସ୍କାଉଟ, ଗାଇଡ୍ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷଣ ଶିବିର

ପାରଳାଖେମୁଣ୍ଡି, ୨୮।୭ (ସ୍ୱ.ପ୍ର.) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ବେତାଗୁଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସ୍କୁଲ ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସ୍କାଉଟ ଶିକ୍ଷକ ଚିନ୍ତାଞ୍ଜୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୩୨ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସମସ୍ତେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ସେ ସମସ୍ତଙ୍କୁ ଅତିଥି ମାନପତ୍ର ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍କାଉଟ ଛାତ୍ରୀଛାତ୍ରଙ୍କ ସମାଜ ପ୍ରତି ରହିଥିବା ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧକ୍ଷା କେ. ଜୟଲକ୍ଷ୍ମୀ ରାଜୁ, ଜୟଦେବ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ଜଣେ ଗାଇଡ୍‌ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି ।

## ସଂକ୍ଷେପରେ



### ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ,୨୮।୭:** ରାୟଗଡ଼ା ନିଉ କଲୋନୀସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ପରିସରରେ ରବିବାରଠାରୁ ଆରମ୍ଭ ହୋଇଛି ଶ୍ରୀ ସତ୍ୟସାଇ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ । ପୁଟପର୍ତ୍ତି ଓ ବାଙ୍ଗାଲୋରସ୍ଥିତ ସତ୍ୟସାଇ ସେବା ସମିତି ହସ୍‌ପିଟାଲରେ ହୃଦ୍ ଅସ୍ତ୍ରୋପଚାର ହୋଇଥିବା ରୋଗୀଙ୍କର ଏଠାରେ ପରବର୍ତ୍ତୀ ଚିକିତ୍ସା କରାଯାଇଥିଲା। ରବିବାର ଆୟୋଜିତ କାର୍ଯ୍ୟକ୍ରମକୁ ଶ୍ରୀ ସତ୍ୟସାଇ ସେବା ରାଜ୍ୟ ସଂଗଠନର ଉପସଭାପତି ସତ୍ୟସ୍ୱରୂପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ସିଡିଏମଓ ଶକ୍ତି ପ୍ରସାଦ ମହାନ୍ତି, ବାଙ୍ଗାଲୋରସ୍ଥିତ ହସପିଟାଲର ପରିଚାଳକ ଶ୍ରବଣ କୁମାର, ରାୟଗଡ଼ା ଜିଲା ସଭାପତି ଏସ.ଭି.ରମଣ ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମୋଟ ୫୦ ଜଣ ରୋଗୀଙ୍କ ମଧ୍ୟରୁ ୧୨ ଜଣଙ୍କର ରକ୍ତ ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କୁ ଚିକିତ୍ସା ନେଇ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରତିମାସ ଶେଷ ରବିବାରରେ ଅନୁଷ୍ଠିତ ହେବ ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ

**ଗୁଣପୁର,୨୮।୭(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ୪ ଦିନ ଧରି ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଶିଶୁମାନଙ୍କ ବିକାଶରେ ପିଲା, ଅଭିଭାବକ ଏବଂ ଗୁରୁମାଗୁରୁଜୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସମୟରେ ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ଉତ୍ତମଶିକ୍ଷା ନେଇ ମତାମତ ରଖିଥିଲେ । ପରିଚାଳନା ସମିତି ସଭାପତି ଲଳିତ ବୈଦ୍ୟଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଭାବକମାନଙ୍କ ସହ ମତ ବିନିୟମ କରିଥିଲେ । ଆଚାର୍ଯ୍ୟା ସଂଯୁକ୍ତା ନାୟକ, ମମତା ସାହୁ, ସସ୍ମିତା କର, ସନ୍ତୋଷୀ ବାହାଦୁର ଏବଂ ଆଚାର୍ଯ୍ୟ ପଙ୍କଜ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଶିଶୁଙ୍କ ପାଠ୍ୟ ବିଷୟ ସହିତ ବ୍ୟକ୍ତିଗତ ଚରିତ୍ର, ଶିଷ୍ଟାଚାର,ଶିଶୁ ନିରାପତ୍ତା ଆଦି ବିଷୟରେ ଆଲୋଚନା ହୋଇଥିଲା ।

### ରାସ୍ତାକଡ଼ରୁ ଗଛକଟା ନେଇ ଉତ୍ତେଜନା

**ହିଞ୍ଜିଳିକାଟୁ, ୨୮।୭(ଡ଼ି.ଏନ୍.ଏ.):** ଜାତୀୟ ରାଜପଥ ନଂ.୫୯ ହିଞ୍ଜିଳିକାଟୁ ଘୋଡ଼ାହାଡ଼ ସେତୁ ନିକଟରେ ରାସ୍ତାକଡ଼ ଗଛକୁ ବେଆଇନ ଭାବେ କଟାଯିବାକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ନିକଟସ୍ଥ ଗ୍ରାମର କେତେଜଣ ମହିଳା ଜାଳେଣି ପାଇଁ ଗଛ କାଟୁଥିବା ବେଳେ ତ୍ରିରଙ୍ଗା ଯୁବକ ସଂଘ ଓ ଡ଼ିସକଭରୀ ହିଞ୍ଜିଳିକାଟୁର କାହ୍ନୁ ପଣ୍ଡା, ପ୍ରଭାତ ମହାରଣା, କିରଣ ପୃଷ୍ଟି ଓ ଅନ୍ୟ ସଦସ୍ୟ ମାନେ ଏହାର ପ୍ରତିବାଦ କରିଥିଲେ। ଏ ନେଇ ହିଞ୍ଜିଳି ଥାନାକୁ ଖବର ଦିଆଯାଇଥିଲା। ୨ଜଣ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ତାଗିଦ କରିଥିଲେ। ପରେ ଚେରମାରିଆ ରେଞ୍ଜ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କଟା ଯାଇଥିବା ଗଛକୁ ଜବତ କରିଛନ୍ତି। ଚଳିତ ବର୍ଷ ଉଭୟ ଅନୁଷ୍ଠାନ ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଚାରାରୋପଣ ନିମନ୍ତେ ବିଭିନ୍ନ ସ୍ତରରେ ସଚେତନତା ସତ୍ତ୍ୱେ କିଛି ଅଞ୍ଚଳରେ ପାହାଡ଼, ଜଙ୍ଗଲ ଓ ରାସ୍ତା କଡ଼ରୁ ମୂଲ୍ୟବାନ ଗଛ ସହ ଜାଳେଣୀ ପାଇଁ ଅବାଧରେ ଗଛ କଟା ଚାଲିଛି। ବନ କର୍ମଚାରୀମାନେ ଏହାକୁ ରୋକି ପାରୁ ନ ଥିବା ଅଭିଯୋଗ ହୋଇଛି । କେନ୍ଦ୍ର ସରକାରଙ୍କ ଉଜ୍ଜଳା ଯୋଜନାରେ ମାଗଣା ଗ୍ୟାସ ବଣ୍ଟନ ହିଞ୍ଜିଳି ଅଞ୍ଚଳରେ ସଫଳ ହୋଇ ନ ଥିବାରୁ ଲୋକେ କାଠ କାଟୁଥିବା ପୂର୍ବତନ ଓକିଲ ସଂଘ ସଭାପତି ରାମଚନ୍ଦ୍ର ମହାପାତ୍ର କହିଛନ୍ତି।

■ ମାଓବାଦୀଙ୍କ ଶହୀଦ ସପ୍ତାହ

# ସରକାରୀ ବସ୍ ଚଳାଚଳ ବନ୍ଦ

**ରାୟଗଡ଼ା ଅଫିସ, ୨୮।୭**



ବସଷ୍ଟାଣ୍ଡରେ ଅଟକି ରହିଥିବା ବସ ।

ସିପିଆଇ ମାଓବାଦୀ ସଙ୍ଗଠନ ତରଫରୁ ରବିବାରଠାରୁ ଶହୀଦ ସପ୍ତାହ ଆରମ୍ଭ ହୋଇଛି। ରାୟଗଡ଼ା ଜିଲାରେ ସକ୍ରିୟ ଥିବା ମାଓବାଦୀ ସଙ୍ଗଠନର ବାସଧାରା, ଘୁମସୁର, ନାଗାବଳୀ ଡିଭିଜନାଲ କମିଟି ଏହିସପ୍ତାହ ପାଳନ କରିବା ପାଇଁ ଗାଁ ଗାଁରେ ଆହ୍ୱାନ କରିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାର ମାଓବାଦୀ ପ୍ରବଣ କଲ୍ୟାଣସିଂହପୁର, କାଶୀପୁର, ଦୋରାଗୁଡା, ଆମ୍ବାଦୋଳା, ମୁନିଗୁଡା, ଚନ୍ଦ୍ରପୁର, ବିଷମକଟକ ଓ ଗୁଡାରୀ ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି। ରାୟଗଡ଼ା ଜିଲାକୁ ସଂଯୋଗ କରୁଥିବା ସମସ୍ତ ସୀମାକୁ ସିଲ୍ କରାଯିବା ସହ ଚେକିଂ ଓ ପିକେଟିଂ ଜାରି ରହିଛି। ମୁଖ୍ୟତଃ ନିୟମଗିରି ଓ ବାସଙ୍ଗମାଳି ପାହାଡ ମାଓବାଦୀଙ୍କ ଆଡ୍ଡାସ୍ଥଳୀ ହୋଇଥିବା ଯୋଗୁ ଏସ୍‌ଓଜି ଓ ସିଆରପିଏଫ୍ ଯବାନଙ୍କୁ ସେହି ଅଞ୍ଚଳକୁ ପଠାଯାଇଥିବା ପୋଲିସ ତରଫରୁ ସୂଚନା ମିଳିଛି। ସେହିଭଳି କନ୍ଧମାଳ ଓ କଳାହାଣ୍ଡି ଜିଲା ସୀମାନ୍ତ ଅଞ୍ଚଳକୁ ପୋଲିସ ତରଫରୁ ଅଧିକ ଫୋକସ କରାଯାଇଛି। ମାଓବାଦୀଙ୍କ ସମସ୍ତ ପ୍ରକାର ଯୋଜନାକୁ ପଣ୍ଡ କରିବା ପାଇଁ ଜିଲା ପୋଲିସ ତରଫରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ରାତ୍ରିକାଳୀନ ଯାଞ୍ଚକୁ କଡାକଡି କରାଯାଇଥିବା ଏସ୍‌ପି ଶ୍ରବଣ ବିବେକ ଏମ୍ ସୂଚନା ଦେଇଛନ୍ତି। ଅପରପକ୍ଷରେ ଶନିବାରଠାରୁ ଓଏସ୍‌ଆରଟିସି ବସ୍ ଚଳାଚଳ ବନ୍ଦ କରାଯାଇଛି। ଜିଲା ଭିତରେ ଓ ଜିଲାଦେଇ ଯାଉଥିବା ୧୪ଟି ରୁଟ୍‌ରେ ୨୧ଟି ବସ ଚଳାଚଳ ବନ୍ଦ ରହିଛି । ଫଳରେ ଯାତ୍ରୀମାନେ ଘରୋଇ ବସ୍ ଉପରେ ନିର୍ଭର କରୁଛନ୍ତି। ଏଣୁ ସେମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ଆସନ୍ତା ୪ ତାରିଖରେ ବସ ଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି।

■ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
■୧୪ ରୁଟ୍‌ରେ ୨୧ ବସ ବନ୍ଦ
■ଅସୁବିଧା ଭୋଗୁଛନ୍ତି ଲୋକେ

■ ମୁନିଗୁଡ଼ାରେ ବର୍ଷା

# ଧାନ,ମାଣ୍ଡିଆ ଉତ୍ପାଦନ ନେଇ ଚାଷୀ ସନ୍ଦିହାନ

**ମୁନିଗୁଡ଼ା,୨୮।୭(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ାରେ ଦୁଇଦିନ ଧରି ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଫଳରେ ଅଞ୍ଚଳର ଚାଷୀକୂଳ କେତେକାଂଶରେ ଆଶ୍ୱସ୍ତିବୋଧ କରିଛନ୍ତି। ହେଲେ ଚଳିତ ଖରିଫ ଋତୁରେ ଧାନ ଏବଂ ମାଣ୍ଡିଆ ଯାହା ସେମାନଙ୍କର ମୁଖ୍ୟ ଖାଦ୍ୟ, ତାହାର ଉତ୍ପାଦନକୁ ନେଇ ସନ୍ଦିହାନ ଅଛନ୍ତି । ଜୁଲାଇ ଶେଷ ହେବାକୁ ବସିଥିଲେ ମଧ୍ୟ ଏ ଅଞ୍ଚଳରେ କେବଳ କେନାଲ ସଂଲଗ୍ନ ଏବଂ ଉଠା ଜଳସେଚନ ସୁବିଧା ଥିବା ମାତ୍ର ପାଞ୍ଚ ପ୍ରତିଶତ ଜମିରେ ବେଉଷଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳୁଛି । ଅଧିକାଂଶ ଚାଷୀ ହଳ ପକାଇ ନାହାନ୍ତି କି ତଳି ପକାଇ ନାହାନ୍ତି । ଜମିରୁ ପାଣି ନ ଗଲେ ଆମେ କେଉଁ ଭରସାରେ ଧାନ ଚାଷ କରିବୁ ବୋଲି ଅଗ୍ରଣୀ ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ଜିଲା କୃଷି ଅଧିକାରୀ ରିଲିଜିୟସ୍ ବେକ୍ କହିଛନ୍ତି ଯେ, ଏହି ବର୍ଷା ଲଗାଣ ବର୍ଷାରେ ପରିଣତ ହୋଇ ଜମିର ଜଳସ୍ତର ବୃଦ୍ଧି ପାଇଲେ ମଧ୍ୟ ସାମାନ୍ୟ ବିଳମ୍ବରେ ଧାନ ଚାଷ ହୋଇପାରିବ । ଚାଷୀମାନେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ନିଜକୁ ସାମିଲ କରାଇବା ସହ ରବି ଫସଲ ପାଇଁ ଏବେଠାରୁ ପ୍ରସ୍ତୁତ ରହିବାକୁ କହିଛନ୍ତି । ରାଜ୍ୟ ସରକାର ଚାଷୀ ସ୍ୱାର୍ଥରେ କାଳିଆ ଯୋଜନା ପ୍ରଣୟନ କରିଥିଲେ ସୁଦ୍ଧା ଅଦ୍ୟାବଧି ପ୍ରକୃତ ଚାଷୀ ଏବଂ ଭାଗ ଚାଷୀମାନଙ୍କୁ ବିଧିବଦ୍ଧ ଭାବେ ଚିହ୍ନଟ ନ କରିବା, ପ୍ରଥମ କିସ୍ତିରେ ମନମୁଖି ଭାବେ ସହାୟତା ଅର୍ଥ ପ୍ରଦାନ କରାଯାଇ ଏ ପର୍ଯ୍ୟନ୍ତ ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ପ୍ରକୃତ ଚାଷୀମାନଙ୍କୁ ଦିଆଯାଇ ନ ଥିବାରୁ ଚାଷୀମାନେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଆଦିବାସୀ ଦିବସ ପାଳନ ନେଇ ବୈଠକ

**ଗୁଣପୁର,୨୮।୭(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଆଦିବାସୀ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୯ ତାରିଖରେ ହେବାକୁ ଥିବା ଆଦିବାସୀ ଦିବସକୁ କିପରି ପାଳନ କରାଯିବ ସେନେଇ ଉପସ୍ଥିତ ନେତୃମଣ୍ଡଳୀ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା । ଶବର ସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ଚକ୍ରପାଣି ଶବରଙ୍କ ସମେତ ରୋହିଦାସ ଶବର, ବଳରାମ ଶବର, ରାମପ୍ରସାଦ ଗମାଙ୍ଗ, ଚିନ୍ମୟ ଗମାଙ୍ଗ, ବିଦ୍ୟାଧର ଶବର, ବିକ୍ରମ ଗମାଙ୍ଗ, ମୁକୁନ୍ଦ ଶବର, ସନ୍ନ୍ୟାସୀ ଶବର, ଫାଲଗୁନୀ ଶବର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପାଳନ ନେଇ ସୁଚିନ୍ତିତ ମତାମତ ରଖିଥିଲେ ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଆଦିବାସୀ ନେତାମାନେ ।

## ଋଣ ଟଙ୍କା ମାଗିବାରୁ ଯୁବକଙ୍କୁ ମାଡ଼

**ଗୋପାଳପୁର,୨୮।୭**

ଋଣ ଟଙ୍କା ମାଗିବାରୁ ୩ଜଣ ଯୁବକ ମିଶି ଜଣୈକ ଯୁବକଙ୍କୁଙ୍କୁ ନିସ୍ତୁକ ମାଡ଼ ମାରିଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ନୂଆବକ୍ସିପଲ୍ଲୀ ଗ୍ରାମର କେ. ରମେଶ ୩ ଜଣ ଯୁବକଙ୍କ ସହ ମିଶି ଶନିବାର ରାତି ପ୍ରାୟ ୮ଟାରେ ନିଜ ଗାଁରେ ବସିଥିଲେ। ଏହି ସମୟରେ କେ. ରମେଶ ଋଣ ଥିବା ଟଙ୍କାକୁ ସମ୍ପୃକ୍ତ ୩ ଜଣ ଯୁବକଙ୍କୁ ମାଗିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉକ୍ତ ୩ ଯୁବକ ରାଗିଯାଇ ରମେଶଙ୍କୁ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ରବିବାର ରମେଶ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୯/୧୯ରେ ମାମଲା ରୁଜୁ କରିଛି। ରମେଶ ବର୍ତ୍ତମାନ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# ଚନ୍ଦ୍ରୟାନ-୨ରେ ଜିଆଇଇଟିର ୨ ପୂର୍ବତନ ଛାତ୍ର



ସଙ୍ଗୀତା ଦାସ ।



ଶ୍ରୀନିବାସ ପଣ୍ଡା

**ଗୁଣପୁର,୨୮।୭(ଡି.ଏନ.ଏ)**

ଶ୍ରୀ ହରିକୋଟାରୁ ଚନ୍ଦ୍ରୟାନ-୨ ସଫଳତାର ସହ ଉତ୍କ୍ଷେପଣ ହୋଇଛି । ଏହି କାର୍ଯ୍ୟକ୍ରମରେ ଗୁଣପୁର ଜିଆଇଇଟି ଏକକ ବିଶ୍ୱବିଦ୍ୟାଳୟର ଦୁଇ ଜଣ ପୂର୍ବତନ ଛାତ୍ର ଅଂଶଗ୍ରହଣ କରିଛନ୍ତି । ୧୯୯୯ରୁ ୨୦୦୩ ବ୍ୟାଚର ଶ୍ରୀନିବାସ ପଣ୍ଡା ଏବଂ ସଙ୍ଗୀତା ଦାସ ଚନ୍ଦ୍ରୟାନ-୨ ଉତ୍କ୍ଷେପଣରେ ବିଶେଷ ଭୂମିକା ଗ୍ରହଣ କରିଥିବା ଜଣାଯାଇଛି । ଶ୍ରୀନିବାସଙ୍କ ସହ ଅନ୍ୟ ବୈଜ୍ଞାନିକମାନେ କଠିନ ଇନ୍ଧନ ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥା ସମ୍ପନ୍ନ କରିଥିଲେ । ଚନ୍ଦ୍ରୟାନ ଉତ୍କ୍ଷେପଣରେ ଦୁଇ ପୂର୍ବତନ ଛାତ୍ରଙ୍କ ଭୂମିକା ପାଇଁ ଜିଆଇଇଟି ବିଶ୍ୱବିଦ୍ୟାଳୟ ଗର୍ବିତ ହୋଇଛି ବୋଲି ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା, କୁଳପତି ଡ.ଗୌତମ ଘୋଷ, ରେଜିଷ୍ଟ୍ରାର ଏନ.ଭି.ଜେ.ରାଓ, ବିଭାଗୀୟ ମୁଖ୍ୟ ରାଧାନାଥ ପାଢୀ ପ୍ରମୁଖ କହିଛନ୍ତି । ଏଥିସହ ଶୁଭକାମନା ଏବଂ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଉକ୍ତ ଦୁଇ ଜଣ କେନ୍ଦ୍ର ସରକାରଙ୍କ ମହାକାଶବିଜ୍ଞାନ ଓ ଗବେଷଣାକ୍ଷେତ୍ର ବିକ୍ରମ ସରାଭାଇ ସ୍ପେସ ରିସର୍ଚ୍ଚ ସେଣ୍ଟରରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଅଛନ୍ତି । ସେମାନେ ଗୁଣପୁରଠାରେ ଅଧ୍ୟୟନରତ ସମୟରେ ଗବେଷଣାକ୍ଷେତ୍ରରେ ଆଗ୍ରହ ପ୍ରକାଶ କରିବା ସହ ଉଚ୍ଚକୋଟୀର ଶିକ୍ଷା ଗ୍ରହଣ କରିଥିଲେ ।

■ ବର୍ଷା କମ୍ ଯୋଗୁ ଚାଷକାର୍ଯ୍ୟ ପ୍ରଭାବିତ

# ସ୍ଥିତି ଅନୁଧ୍ୟାନ କଲେ ଏମ୍ଆଇ ମୁଖ୍ୟଯନ୍ତ୍ରୀ

**ଭଞ୍ଜନଗର,୨୮।୭(ଡି.ଏନ.ଏ)**

ଚଳିତବର୍ଷ ରାଜ୍ୟରେ ଏ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣର ବର୍ଷା ହୋଇନାହିଁ । ବର୍ଷା କମ୍ ଯୋଗୁ ଚାଷ କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି । ଧାନତଳି ପୋଡ଼ି ନଷ୍ଟ ହେବା ଆଶଙ୍କା ରହିଛି । ପ୍ରତ୍ୟେକ ଜିଲାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଜିଲାକୁ ଜଣେ ଜଣେ ଅଧିକାରୀଙ୍କୁ ସ୍ଥିତି ଅନୁଧ୍ୟାନ ଲାଗି ପଠାଯାଇଛି । ଗଞ୍ଜାମ ଜିଲାକୁ କ୍ଷୁଦ୍ର ଜଳସେଚନ (ଏମ୍ଆଇ) ବିଭାଗର ମୁଖ୍ୟଯନ୍ତ୍ରୀ ସରୋଜ କୁମାର ପଟ୍ଟନାୟକ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିଲେ। ଶୁକ୍ରବାର ଓ ଶନିବାର ସେ ଗଞ୍ଜାମ ଜିଲାର ଭଞ୍ଜନଗର ଉପଖଣ୍ଡ ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ଜଳସମ୍ପଦ ବିଭାଗ ଋଷିକୁଲ୍ୟା ଅବବାହିକାର ଅଧୀକ୍ଷଣ ଯନ୍ତ୍ରୀ ଲଡୁ କିଶୋର ସାବତ, ଭଞ୍ଜନଗର ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ନିହାର ରଞ୍ଜନ ସାମନ୍ତରାୟ, କ୍ଷୁଦ୍ରଜଳସଚେନ ବିଭାଗ ଅଧୀକ୍ଷଣଯନ୍ତ୍ରୀ, ଭଞ୍ଜନଗର ଏମ୍ଆଇ ନିର୍ବାହୀଯନ୍ତ୍ରୀ କେ.ସି.ପାଳ ପ୍ରମୁଖ ଉପସ୍ଥିତ ଥିଲେ । ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରତ୍ୟେକ କେନାଲରେ ବର୍ତ୍ତମାନ ତଳି ବଞ୍ଚାଇବା ଏବଂ ଚାଷ କାର୍ଯ୍ୟ ପାଇଁ ପାଣି ଛଡ଼ାଯାଉଛି । କେନାଲ ମାଧ୍ୟମରେ ତଳସ୍ତରରେ ପାଣି ପହଞ୍ଚିଛି କି' ନାହିଁ ଏବଂ ଚାଷୀମାନେ ବର୍ତ୍ତମାନ କି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ମୁଖ୍ୟଯନ୍ତ୍ରୀ ପଟ୍ଟନାୟକ ପ୍ରତ୍ୟକ୍ଷ ଭାବେ ବିଭାଗୀୟ ଅଧିକାରୀ ଏବଂ ଚାଷୀଙ୍କୁ ପଚାରି ବୁଝିଥିଲେ । ଏଥିସହ ପର୍ଯ୍ୟାୟକ୍ରମେ କେନାଲରେ ପାଣି ଛାଡ଼ିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟଯନ୍ତ୍ରୀ ଜାନିବିଲି, ଘୋଡ଼ାହାଡ଼, ବାଘୁଆ ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଜଳଭଣ୍ଡାର ଗୁଡ଼ିକରେ କେତେ ପାଣି ମହଜୁଦ୍ ଅଛି, କେନାଲରେ କେତେ ଦିନ ପାଣି ଛଡ଼ାଯାଇପାରିବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ସୂଚନାଯୋଗ୍ୟ, ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଭଞ୍ଜନଗର ଉପଖଣ୍ଡରେ ଆବଶ୍ୟକତାଠାରୁ ପ୍ରାୟ ୩୩ ପ୍ରତିଶତ କମ୍ ବର୍ଷା ହୋଇଛି। ଏହାର ପ୍ରଭାବ ଚାଷ କାର୍ଯ୍ୟରେ ପଡ଼ିଛି । ଜମିରେ ପାଣି ନଥିବା ଯୋଗୁ ଲୋକେ ଧାନ ତଳି ରୋଇବା ଠିକ୍ ଭାବେ ଆରମ୍ଭ କରିପାରୁନାହାନ୍ତି ।

## କୁକୁର କାମୁଡ଼ାରେ ୮ ଆହତ

**ପାତ୍ରପୁର,୨୮।୭(ଡିଏନ୍.ଏ.)**

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତରେ ଶନିବାର ରାତିରେ ପାଗଳ କୁକୁର କାମୁଡ଼ାରେ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ପାଞ୍ଚାମ୍ବ ଜମ୍ବୁ ସେଠୀ (୫୫) । ଜମ୍ବୁ ରାତିରେ ଶୋଇଥିବା ବେଳେ କୁକୁର କାମୁଡ଼ିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବୃନ୍ଦାବତୀ ପ୍ରଧାନ, ଉର୍ମିଳା ପ୍ରଧାନ, ଗଗନ ପ୍ରଧାନ, ଆପିଲି ଜାନି, ତାଳପଦର ହରି ଶବର, ସାମ'ରାପୁର ଜମୁନା ପ୍ରଧାନ, କୁନ୍ଦନ ସାହୁ ଓ ଏକ ଶିଶୁକୁ ମଧ କୁକୁର କାମୁଡିଛି।

# ନାଳରେ ବୁଡ଼ି ଯୁବକ ମୃତ

**ଚନ୍ଦ୍ରପୁର,୨୮।୭(ଡ଼ି.ଏନ.ଏ)**

ଚନ୍ଦ୍ରପୁର ବ୍ଲକର ବୁଡ଼ିବାଲି ଗ୍ରାମରେ ଜଣେ ଯୁବକଙ୍କ ନାଳରେ ବୁଡ଼ି ମୃତ୍ୟୁ ହୋଇଛି । ସେ ହେଲେ କାନ୍ତାରୁ କାଡ୍ରାକା (୩୮)। ଖବରପାଇ ଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି । କାନ୍ତାରୁ ଗତ ଶୁକ୍ରବାର ନିକଟସ୍ଥ ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିଲେ । ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ପରେ ଏନେଇ ଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ । ରବିବାର ତାଙ୍କ ମୃତଦେହ ନାଳରେ ଭାସୁଥିବା ଦେଖିବାକୁ ମିଳିଥିଲା ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଆଇନ ସଚେତନତା ଶିବିର

**ଗୁଣପୁର,୨୮।୭(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାରସିଂ ଉଚ୍ଚ ବିଦ୍ୟାଳୟରେ ରବିବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏସ୍‌ଡିଜେଏମ୍ ଅରୁନ୍ଧତୀ ଆଚାର୍ଯ୍ୟ ଯୋଗଦେଇ ବାଳିକା ଶିକ୍ଷାର ଆବଶ୍ୟକତା, ଶିକ୍ଷା ଅଧିକାରୀ ଆଇନ, ବାଳଅପରାଧ ଆଇନ, ପିସି ଏବଂ ପିଏନ୍‌ଡିଟି ଆକ୍ଟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପ୍ରଧାନଶିକ୍ଷକ ରମେଶ ଦାସ, ସହକାରୀ ଶିକ୍ଷକ ନରସିଂହନାଥ ଶତପଥୀ ଏବଂ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସ୍କୁଲ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ।

■ ଆଦର୍ଶ ବିଦ୍ୟାଳୟର ଅଭିଭାବକ ବୈଠକ

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**କାଶୀପୁର, ୨୮।୭(ଡ଼ି.ଏନ.ଏ)**




ବୈଠକରେ ଯୋଗ ଦେଇଥିବା ଅଭିଭାବକମାନେ ।

ରାୟଗଡା ଜିଲା କାଶୀପୁର ବ୍ଲକ ହନୁମାନ ମନ୍ଦିର ପରିସରରେ ରବିବାର ଆଦର୍ଶ ବିଦ୍ୟାଳୟର ଅଭିଭାବକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଅଭିଭାବକମାନେ ଆଲୋଚନା କରିଥିଲେ। ଯଦି ଆସନ୍ତା ୧୨ ତାରିଖ ଭିତରେ ଏହି ସମସ୍ୟାର ସମାଧାନ କରା ନ ଯାଏ ତେବେ ୧୩ରୁ ଆନ୍ଦୋଳନ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି । ଦୀର୍ଘ ଦିନ ହେବ ଏହି ବିଦ୍ୟାଳୟ ଅସ୍ଥାୟୀ ଭାବେ କାଶୀପୁର ଉଚ୍ଚ ବିଦ୍ୟାଳୟରେ ଚାଲୁଛି। ସେଠାରେ ଛାତ୍ରୀଛାତ୍ରମାନେ ବସିବା ପାଇଁ ମଧ ଜାଗା ପାଉନାହାନ୍ତି। ଦୁଇଟି ଶ୍ରେଣୀର ପିଲା ଗୋଟିଏ ଶ୍ରେଣୀରେ ବସିବାକୁ ବାଧ ହେଉଛନ୍ତି। ଏଥିସହ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଛାତ୍ରୀଛାତ୍ରମାନେ ନାନା ଅସୁବିଧାର ସମ୍ମୁଖୀନ ହେବା ସହିତ ଉନ୍ନତମାନର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏନେଇ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ଏହି ବୈଠକରେ ସିଙ୍ଗି ମାଝି, ବିନାୟକ ମିଶ୍ର, ଅଜୟ ବାଗ, ଜୟସିଂ ମାଝି, କବିସୂର୍ଯ୍ୟ ନାଏକଙ୍କ ସମେତ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ



ଚାନ୍ଦିଲି (କୋଟପାଡ଼),୨୮।୭(ଡି.ଏନ୍.ଏ.): ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ୍‌ଠାରେ କୋଟପାଡ଼ ବ୍ଲକ ଓ ଏନ୍‌ଏସିର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ମୋହନ ନାୟକ, ଉପସଭାପତି ଭାବେ ଧୀରଜ ଭତ୍ରା, ଉପସଭାନେତ୍ରୀ ସଂଯୁକ୍ତା ମହାପାତ୍ର, ସମ୍ପାଦକ ସନ୍ତୋଷ ପାଢ଼ୀ, ଯୁଗ୍ମ ସମ୍ପାଦକ ଡମ୍ବରୁ ହରିଜନ, ଯୁଗ୍ମ ସମ୍ପାଦିକା ସଂଯୁକ୍ତା ନାୟକ, ସଙ୍ଗଠନ ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, କୋଷାଧକ୍ଷ ଉଦୟନାଥ ବିଡାର ଓ ଚନ୍ଦ୍ରଶେଖର ମାଝି, ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏବଂ ଭି, ମାଲେଶ୍ୱର ରାଓଙ୍କୁ ମନୋନୀତ କରାଯାଇଥିଲା। କୋରାପୁଟ ଜିଲା ସଭାପତି ବିଜୟ ଷଡ଼ଙ୍ଗୀ, ସମ୍ପାଦକ ରାଜେନ୍ଦ୍ର ସାହୁ, ଜୋନାଲ ସମ୍ପାଦକ ସୁରେନ୍ଦ୍ର କୁମାର କୁଲଦୀପ ଓ ବିଭିନ୍ନ ବ୍ଲକରୁ ଆସିଥିବା ଜିଲା ସମ୍ପାଦକ ରମଣି ରଞ୍ଜନ ତ୍ରିପାଠୀଙ୍କ ଗହଣରେ କୋଟପାଡ଼ ବ୍ଲକ ଶିକ୍ଷକ ସଂଘର ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପବିତ୍ର ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।

### ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କର୍ମକର୍ତ୍ତା ଚୟନ

ପାରଳାଖେମୁଣ୍ଡି, ୨୮।୭ (ସ୍ୱ.ପ୍ର.) ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଗଜପତି ଶାଖାର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନରସିଂହ ଗୌଡ ଓ ଲକ୍ଷ୍ମୀଧର କହଁର ନିର୍ବାଚନ ପରିଚାଳନା କରିଥିଲେ। ରାଜେନ୍ଦ୍ର ରଥ ସଭାପତି, ମଧୁ ପୋଲାକି ଉପସଭାପତି, ସମ୍ପାଦକ ସନ୍ତୋଷ ବାହାଦୁର ସମ୍ପାଦକ, ମନୋଜ ପଣ୍ଡା କୋଷାଧକ୍ଷ, ନୃସିଂହ ଚରଣ ମିଶ୍ର, ପି.ବାଲକୃଷ୍ଣ ପ୍ରମୁଖଙ୍କୁ ରାଜ୍ୟ ସମ୍ପର୍କ ସଭ୍ୟ ଭାବେ ନିର୍ବାଚିତ କରାଯାଇଛି। ସଂଘ ସମସ୍ୟାକୁ ପ୍ରଶାସନ ଆଗରେ ଜଣାଇବେ ବୋଲି ନବ ନିର୍ବାଚିତ ଅତିଥିମାନେ କହିଥିଲେ।

### ବ୍ୟାଙ୍କ ଲୁଟ୍‌ର ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡରୁ ଗିରଫ

ଢେଙ୍କିକୋଟ, ୨୮।୭(ଡି.ଏନ୍.ଏ.): ହରିଚନ୍ଦନପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମରେ ଥିବା ଏଲ୍‌ଆଣ୍ଡଟି ପ୍ରାଇଭେଟ ଫାଇନାନ୍ସ ବ୍ୟାଙ୍କରୁ ତା୨।୫।୨୦୧୯ରିଖ ଦିନ ଦ୍ୱିପହରେ ୩ଜଣ ଏକ ବାଇକ୍‌ରେ ଆସି ୪ ଲକ୍ଷ ଟଙ୍କା ଲୁଟ୍ କରି ପଳାଇବା ପାଇଁ ଉଦ୍ୟମ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବିଜୟ ମୁଣ୍ଡା, ଗୁରବାଲମୁଚ ଧରାପଡ଼ିଥିଲେ ପରେ ଉଭୟଙ୍କୁ ହରିଚନ୍ଦନପୁର ଥାନା ପୋଲିସ ଜିମା ଦେଇଥିଲେ। ତାଙ୍କଠାରୁ ସେତେବେଳେ ପୋଲିସ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରିକଭରି କରିଥିବାବେଳେ ସହଯୋଗୀ ମାଷ୍ଟରମାଇଣ୍ଡ ଜନା କେରେଇ(୨୭) ଫେରାର୍ ହୋଇଯାଇଥିଲା। ମାତ୍ର ହରିଚନ୍ଦନପୁର ଥାନା ଆଇଆଇସି ଏସ୍.ଏନ୍.ଦାଶ ଘଟଣାର ତଦନ୍ତ ଜାରି ରଖିଥିଲେ। ଶନିବାର ସେ ତାଙ୍କ ଘର ଝାରଖଣ୍ଡ ନୂଆମୁଣ୍ଡି ଗ୍ରାମକୁ ଆସୁଥିବା ଖବର ପାଇ ଅଚାନକ ଚଢ଼ାଉ କରି ପୋଲିସ ତାକୁ କାବୁ କରିଛି। ରବିବାର ଜନାଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ପ୍ରକାଶ କରିଛନ୍ତି।

### ଯୌତୁକ ନିର୍ଯାତନା ଅଭିଯୋଗ
### ସ୍ୱାମୀଙ୍କ ସମେତ ୫ ଜଣଙ୍କ ନାଁରେ ମାମଲା

ଭଦ୍ରକ ଅଫିସ, ୨୮।୭ : ଯୌତୁକ ଦାବିରେ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ବାହାଘରର ୧୩ ମାସ ପରେ ଜଣେ ମହିଳା ଶନିବାର ଭଦ୍ରକ ପୁରୁଣାବଜାର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତିକରି ପୋଲିସ ଅଭିଯୋଗକାରୀଙ୍କ ସ୍ୱାମୀ ସମେତ ୫ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ପୁରୁଣାବଜାର ଥାନାରେ ଯୌତୁକ ନିରୋଧ ଆଇନ-୪, ୪୯୮(ଏ), ୩୨୩, ୨୯୪, ୫୦୬, ୩୪ ଦଫାରେ ମାମଲା (ନଂ.୧୩୬/୧୯) ରୁଜୁ କରାଯାଇଛି।

# ଭଲ ବର୍ଷା ପରେ ଜୋର ଧରିଲା ଚାଷକାମ

## ଖରିଫ ଋତୁ ପାଇଁ ୯ ହଜାର ହେକ୍ଟର ଜମିରେ ହେବ ଧାନଚାଷ

ଜୟପୁର,୨୮।୭(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଗତ ଦିନରେ ପ୍ରବଳବର୍ଷା ଯୋଗୁ ଚାଷକାର୍ଯ୍ୟ ଜୋର ଧରିଛି। ଚାଷୀମାନେ ନିଜ ଜମିରେ ଖରିଫ ଧାନ ପାଇଁ ରୁଆ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ଜୁଲାଇ ପ୍ରାରମ୍ଭରୁ ସାମାନ୍ୟ ବର୍ଷା ହୋଇଥିଲେ ମଧ୍ୟ ଦ୍ୱିତୀୟ ସପ୍ତାହରୁ ପ୍ରାୟ ୧୦ ଦିନ ଯାଏ ବର୍ଷାର ପରିମାଣ କମିଯାଇଥିଲା। ଜୁଲାଇ ପ୍ରଥମ ସପ୍ତାହରେ ସାମାନ୍ୟ ବର୍ଷା ପରେ ଧାନ ତଳି ପକାଯାଇଥିଲେ ମଧ୍ୟ ଧାନରେ ଚାରା ହେବା ସହ ତାହା ପ୍ରାୟ ୧୦ ଇଞ୍ଚରୁ ଏକ ଫୁଟ ଯାଏ ବଢ଼ିଥିଲା। କିନ୍ତୁ ଅଧିକାଂଶ ଜମିରେ ଆବଶ୍ୟକ ପାଣି ନଥିବା ଯୋଗୁ ରୁଆକାମ ହୋଇପାରି ନଥିଲା । କିନ୍ତୁ ଗତ ୨୬ ତାରିଖରେ ଜିଲାରେ ୭୪୬ ମିମି, ୨୭ ତାରିଖ ୩୦୪.୯ ମିମି ବର୍ଷା ହୋଇଥିବା ବେଳେ ୨୮ ତାରିଖ ମଧ୍ୟ ବର୍ଷା ଲାଗି ରହିଛି । କୋରାପୁଟ ଜିଲାରେ ଜୁଲାଇରେ ସାଧାରଣତଃ ୩୭୫.୬ ମିମି ବର୍ଷା ହୋଇଥାଏ ।



ଜୟପୁର ଅଞ୍ଚଳର ଚାଷଜମିରେ ରୁଆକାମ ଚାଲିଛି।

**କୋରାପୁଟ ଜିଲା**

ଚଳିତ ଜୁଲାଇ ୨୮ ସୁଦ୍ଧା ଏହା ୨୮୧.୨୫ ମିମି ରହିଛି। କୋଟପାଡ଼ ବ୍ଲକରେ ଏହି ମାସରେ ସର୍ବାଧିକ ୬୦୬ ମିମି ଓ ନାରାୟଣପାଟଣା ବ୍ଲକରେ ସର୍ବନିମ୍ନ ୧୨୯ ମିମି ବର୍ଷା ହୋଇଛି । ଜମିରେ ପାଣି ପରିମାଣ ରହିବା ଯୋଗୁ ଧାନରୁଆ କାମ ତ୍ୱରାନ୍ୱିତ ହୋଇଛି। ଆବଶ୍ୟକ ଶ୍ରମିକ ମିଳୁ ନଥିବା ଯୋଗୁ ଜିଲା ଓ ରାଜ୍ୟ ବାହାରର ଶ୍ରମିକ ଏଠାରେ ପହଞ୍ଚି ରୁଆକାମରେ ଲାଗିଛନ୍ତି। କୃଷି ବିଭାଗର ସୂଚନା ଅନୁଯାୟୀ, କୋରାପୁଟ ଜିଲାରେ ଖରିଫ ଋତୁ ପାଇଁ ୯ ହଜାର ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଜୟପୁର ବ୍ଲକ ୧୫୮୮୦ ହେକ୍ଟର, ବୋରିଗୁମ୍ମା ୨୦୩୮୦, କୋଟପାଡ଼ ୧୫୬୪୫, କୁନ୍ଦୁରା ୧୦୪୮୫, ବୈପାରୀଗୁଡ଼ା ୧୦୯୩୫, କୋରାପୁଟ ୩୮୧୫, ସେମିଳିଗୁଡ଼ା ୨୩୭୨, ଦଶମନ୍ତପୁର ୪୬୦୦, ନନ୍ଦପୁର ୩୦୪୦, ଲମତାପୁଟ ୩୬୩୫, ପଟ୍ଟାଙ୍ଗି ୨୨୯୦, ନାରାୟଣପାଟଣା ୧୧୯୬, ଲକ୍ଷ୍ମୀପୁର ୨୬୨୭, ବନ୍ଧୁଗାଁ ୨୧୦୦ ହେକ୍ଟର ଜମିରେ ହାଇବ୍ରିଡ ଓ ଦେଶୀଧାନ ଚାଷ କରାଯିବ।

# ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କର୍ମକର୍ତ୍ତା ନିର୍ବାଚିତ

କୋରାପୁଟ,୨୮।୭(ସ୍ୱ.ପ୍ର.):

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ରବିବାର ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହିତ ସଂଘର ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି । ଏହି ବୈଠକରେ ରାଜ୍ୟ ସଂଘର ସଭାପତି ସୁରେଶ କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ରଥ ଓ ବିପିନ ମହାରଣା ପ୍ରମୁଖ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହି ସଂଘର ନୂତନ ଜିଲାସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ପରିଚାଳନା କରିଥିଲେ । ଏଥିରେ ସଂଘର ଜିଲା ସଭାପତି ଭାବେ ତିଳକ ଖେମୁଣ୍ଡୁ, ଉପସଭାପତି ଭାବେ ପ୍ରଳୟ କୁମାର ତ୍ରିପାଠୀ, ସଂପାଦକ ଭାବେ ନରସିଂହ ପଟ୍ଟନାୟକ, ସହ ସଂପାଦକ ମୁରଲିଧର ନାୟକ, କୋଷାଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ସମୀକ୍ଷକ ଭାବେ ଭାଗିରଥୀ ନାୟକ, ରାଜ୍ୟ ସଂଘ ସଦସ୍ୟ ଭାବେ ବାବାଜି ଚରଣ ପାଣିଗ୍ରାହୀ, ରଞ୍ଜିତ କୁମାର ପଟ୍ଟନାୟକ ମନୋନୀତ ହୋଇଥିବାବେଳେ ସଂଘର ପରାମର୍ଶଦାତା ଭାବେ ବରିଷ୍ଠ ସଦସ୍ୟ ମାର୍କଣ୍ଡ କୁମାର ପାଢ଼ୀ ଓ ଅର୍ଜୁନ ଟାକ୍ରୀଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ସଂଘର ପୂର୍ବତନ ଜିଲା ସଭାପତି ମାର୍କଣ୍ଡ କୁମାର ପାଢ଼ୀ ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ ।



ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ମନ୍ଦିର ପରିସରରୁ ଚନ୍ଦନ କାଠ ଚୋରି



ପାରଳାଖେମୁଣ୍ଡି, ୨୮।୭ (ସ୍ୱ.ପ୍ର.)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ସଦର ମହକୁମାସ୍ଥିତ ଉଦୟନାଥ ମନ୍ଦିର ପରିସରରୁ ଶନିବାର ରାତିରେ କେହି ଦୁର୍ବୃତ୍ତ ମୂଲ୍ୟବାନ ଚନ୍ଦନ ଗଛ କାଟି ନେଇଛନ୍ତି। ଗଛର ମଧ୍ୟ ଭାଗକୁ କାଟି ନେଇ ଯାଇଥିବାବେଳେ ଡାଳଗୁଡିକୁ ଛାଡି ଚାଲି ଯାଇଛନ୍ତି। ଘଟଣାର ତଦନ୍ତ କରି ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ଆର୍.ଉଦୟଗିରି ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡା କହିଛନ୍ତି। ଆର୍.ଉଦୟଗିରି ବ୍ଲକ ଏକ ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳ ହୋଇଥିବାବେଳେ ସେଠାରେ ଅନେକ ମୂଲ୍ୟବାନ ଗଛ ରହିଛି। ମାତ୍ର କାଠ ମାଫିଆଙ୍କ ପ୍ରଭାବ ଯୋଗୁ ସେଗୁଡିକ ଧିରେଧିରେ ଲୋପ ପାଇବାକୁ ବସିଲାଣି। ସୂଚନା ଅନୁଯାୟୀ ଜୁନ୍ ମାସରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରୁ ମଧ୍ୟ ଏହିପରି ଚନ୍ଦନଗଛ ଚୋରି ହୋଇଥିଲା।

## କୋଡିଙ୍ଗାମାଳି ସୁରକ୍ଷା ମଞ୍ଚର ଆନ୍ଦୋଳନ
# ୩ ଦିନ ହେଲା ଖଣିଜ ପରିବହନ ବନ୍ଦ

କୋରାପୁଟ,୨୮।୭(ସ୍ୱ.ପ୍ର.)

କୋଡିଙ୍ଗାମାଳି ଖଣି ଅଞ୍ଚଳରେ ଗ୍ରାମସଭା କରିବା ସହ ଏଠାରେ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିବା ଦାବି ନେଇ ଗତ ଶୁକ୍ରବାରଠାରୁ କୋଡିଙ୍ଗାମାଳି ଖଣି ସୁରକ୍ଷା ମଞ୍ଚ ପକ୍ଷରୁ ସ୍ଥାନୀୟ ଲକ୍ଷ୍ମୀପୁରଠାରେ ଚାଲିଥିବା ଆନ୍ଦୋଳନ ଜାରି ରହିଛି। ଫଳରେ ରବିବାର ତୃତୀୟ ଦିନ ପାଇଁ ଖଣିଜ ପରିବହନ କାର୍ଯ୍ୟ ବନ୍ଦ ରହିଛି । ଏହା ଯୋଗୁ ପରିବହନ କାର୍ଯ୍ୟରେ ଲାଗିଥିବା ଶହ ଶହ ଟିପ୍ପର କାକିରିଗୁମ୍ମାଠାରୁ ଲକ୍ଷ୍ମୀପୁର ରାସ୍ତା ପାର୍ଶ୍ୱରେ ଅଟକ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଏହି ଘଟଣାର ଆଶୁ ସମାଧାନ ପାଇଁ କୋରାପୁଟ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ, ଓଏମ୍‌ସି ମ୍ୟାନେଜର ହେମନ୍ତ ସିଂ, ଖଣି ପରିବହନ କମ୍ପାନୀ ମୈତ୍ରୀର ମ୍ୟାନେଜରଙ୍କ ସମେତ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ନାୟକ, ଲକ୍ଷ୍ମୀପୁର ତହସିଲଦାର ମଧୁମିତା ପାମେଲାକର, ଲକ୍ଷ୍ମୀପୁର ଥାନା ଅଧିକାରୀ ମନୋଜ କୁମାର ବେହେରା, ଲକ୍ଷ୍ମୀପୁର ବିଡିଓ ବେଣୁଧର ଶବର, ନାରାୟଣପାଟଣା ତହସିଲଦାର ରଞ୍ଜନ କୁମାର ମାନସେଠ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଏହି ଘଟଣାରେ ପୂର୍ବରୁ ଖଣି ଖନନକୁ ବିରୋଧ କରୁଥିବା ବହୁ ସ୍ଥାନୀୟ ନେତାଙ୍କ ବର୍ତ୍ତମାନ ଦେଖା ମିଳୁନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଅପରପକ୍ଷରେ ଖଣିଜ ପରିବହନ କାମରେ ଲାଗିଥିବା ଏହି ଅଞ୍ଚଳର ଶତାଧିକ ଲୋକେ ଏବେ ଖାଲି ହାତରେ ବସିଛନ୍ତି।

# ଶହୀଦ ସପ୍ତାହ ପାଇଁ ଲାଗିଲା ମାଓବାଦୀଙ୍କ ପୋଷ୍ଟର

ସେମିଳିଗୁଡ଼ା,୨୮।୭(ସ୍ୱ.ପ୍ର.)



କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ କାଣ୍ଟି ଓ ଦୁଧାରୀ, ପାଖଜଲା ଭଳି ୩ ଗ୍ରାମପଞ୍ଚାୟତରେ ମାଓବାଦୀଙ୍କ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ କରିବା ସହ ମୃତ ମାଓବାଦୀ କମାଣ୍ଡରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି। ଗରିବ ଲୋକଙ୍କ ଭୁଆଁ ବୁଲାଉଥିବା ନେତା, ଠିକାଦାରଙ୍କୁ ବିରୋଧ, ଗ୍ରାମସଭାକୁ ସମର୍ଥନ, ପୋଲିସର ଅତ୍ୟାଚାରକୁ ବରଦାସ୍ତ କରାଯିବ ନାହିଁ ବୋଲି ଏଥିରେ କୁହାଯାଇଛି। ମୈତ୍ରୀ କମ୍ପାନିର ଖଣି ଖନନ ଯୋଗୁ ଜଙ୍ଗଲ ଜମି ନଷ୍ଟ ହେବା ସହ ପ୍ରଦୂଷଣ ପାଇଁ ତାହାକୁ ପୋଷ୍ଟରରେ ଚେତାବନୀ ଦିଆଯାଇଛି। ଏଭଳି ଲେଖା ଥିବା ପୋଷ୍ଟର ସବୁ ପାଖଜଲା ମନ୍ଦିର ସମ୍ମୁଖ ବରଗଛ, ଶୁଣ୍ଡିପୁଟ ଛକ, ଦୁଧାରୀ ମେଡିସିନ ଷ୍ଟୋର ସମ୍ମୁଖ, ପେଣ୍ଡାଜାମ ବିଦ୍ୟୁତ ଖୁଣ୍ଟ, ଟାଙ୍କୁବେଡ଼ା, ମଞ୍ଜାରୀରେ ଲଗାଯାଇଛି।

## ୨୦ ଫୁଟ ତଳକୁ ଖସିଲା ଡମ୍ପର
# ଚାପିହୋଇ ଚାଳକଙ୍କ ମୃତ୍ୟୁ

ବଡବିଲ, ୨୮।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ସହରାଞ୍ଚଳ ରାଜ୍ୟ ରାଜପଥଦେଇ ଭାରୀଯାନର ଗତିସୀମା ୧୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରିବାକୁ ଫଳକ ଲାଗିଥିଲେହେଁ ତା'ର ପାଳନ ହେଉନଥିବା ଦେଖାଯାଇଛି। ତାର ଜ୍ୱଳନ୍ତ ଉଦାହରଣ ରବିବାର ସକାଳେ ଦେଖିବାକୁ ମିଳିଛି। ବଡବିଲ ୧୦ ନମ୍ବର ରାଜ୍ୟ ରାଜପଥର ଡାକ ବଙ୍ଗଳା ଛକ ନିକଟସ୍ଥ ଗୁଣ୍ଡିଚା ମନ୍ଦିର ପାଖ ପୋଲରେ ଧକ୍କା ଦେଇ ରବିବାର ସକାଳ ସାଢେ ୫ଟା ବେଳେ ଏକ ଡମ୍ପର ପ୍ରାୟ ୨୦ଫୁଟ୍ ତଳକୁ ଖସି ଓଲଟି ପଡିଥିଲା। ଫଳରେ ଡମ୍ପର ତଳେ ଚାପି ହୋଇ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡଖଣ୍ଡ ରାଜ୍ୟ କୋଟଗଡ ଅଞ୍ଚଳର କାନୁ ପୂର୍ତ୍ତି(୨୬)। ଦୁର୍ଘଟଣା ସମ୍ପର୍କରେ ପୋଲିସକୁ ତୁରନ୍ତ ଖବର ଦିଆଯାଇଥିଲେହେଁ ପ୍ରାୟ ଦେଢ ଘଣ୍ଟା ବିଳମ୍ବରେ ପୋଲିସ ପହଞ୍ଚିଥିଲା।

# ଘାଟି ରାସ୍ତା ଏବେ ବିପଦସଙ୍କୁଳ

କୋରାପୁଟ,୨୮।୭(ସ୍ୱ.ପ୍ର.)

କୋରାପୁଟ ଜିଲାର ଲକ୍ଷ୍ମୀପୁର-ନାରାୟଣପାଟଣା ଘାଟି ରାସ୍ତା ଏବେ ବିପଦସଙ୍କୁଳ ପାଲଟିଛି। ସୁନାବେଡ଼ା ପିଡବ୍ଲ୍ୟୁଡି ଓ ଏଆରଏସ୍‌ଏସ୍ କମ୍ପାନି ପକ୍ଷରୁ ନିକଟରେ ଏହି ରାସ୍ତା ନିର୍ମାଣ କରାଯାଇଥିବାବେଳେ ବର୍ତ୍ତମାନ ରାସ୍ତାପାର୍ଶ୍ୱରେ ଆଲୁମିନିୟମ ବାଡ଼ ନଥିବା ଯୋଗୁ ଏହି ରାସ୍ତାଦେଇ ଦୈନିକ ଯାଉଥିବା ଶତାଧିକ ଯାନବାହାନରୁ କେତେବେଳେ କିଏ ଦୁର୍ଘଟଣାଗ୍ରସ୍ତ ହେବ, ତାହା କହିହେବ ନାହିଁ। ସେହିପରି ଲକ୍ଷ୍ମୀପୁରଠାରୁ ନାରାୟଣପାଟଣା ଯିବାକୁ ଥିବା ଏହି ରାସ୍ତାର ନାଳତୁଆ ନିକଟସ୍ଥ ରାସ୍ତାପାର୍ଶ୍ୱରେ ନାଳ କରାଯାଇ ନଥିବାରୁ ରାସ୍ତା ପାର୍ଶ୍ୱର ପ୍ରାୟ ୧ ମିଟର ମାଟି ଖାଇଯାଇ ବିପଦସଙ୍କୁଳ କରିଛି । ରାସ୍ତା ଉପରୁ ପିଚୁ କୋଟ କରାଯାଇଥିବାବେଳେ ତାହାର ତଳେ ପ୍ରାୟ ୧ ମିଟର ଯାଏ ମାଟି ଧୋଇଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ଘାଟିରାସ୍ତାର ଗୋଟିଏ ପାର୍ଶ୍ୱରୁ ମାଟି ଧସିଯାଇଛି।

# ଅଭାବ ଭିତରେ ଚାଲିଛି ଆଶ୍ରମ ବିଦ୍ୟାଳୟ

**ଦଣ୍ଡାବାଡ଼ି ସ୍କୁଲ**

- ୪୦୫ ପିଲାଙ୍କୁ ୪ ଶିକ୍ଷୟିତ୍ରୀ ଶିକ୍ଷକ
- ନଳକୂଅ ନଥିବାରୁ ପିଇବା ପାଣି ମିଳୁନି
- ପାଚେରି ନଥିବାରୁ ପିଲାଙ୍କୁ ଭୟ ଘାରୁଛି

କୋରାପୁଟ/ନାରାୟଣପାଟଣା ୨୮।୭(ସ୍ୱ.ପ୍ର./ଡି.ଏନ୍.ଏ.)

ଉପାନ୍ତ ଅଞ୍ଚଳର ଆଶ୍ରମ ବିଦ୍ୟାଳୟଗୁଡ଼ିକ ସବୁବେଳେ ଅଭାବ ଭିତରେ ରହୁଛି। ବହସଂଖ୍ୟାରେ ଛାତ୍ରୀଛାତ୍ର ଥାଇ ଆବଶ୍ୟକ ଶିକ୍ଷକ ନାହାନ୍ତି। ପୁଣି ପାନୀୟ ଜଳ ଓ ପାଚେରି ଅଭାବ ରହିଛି। ଶୈକ୍ଷିକ ଭିତ୍ତିଭୂମିର ଏଭଳି ଅଭାବ ଭିତରେ ଫେଲ୍ ମାରୁଛି ଗୁଣାତ୍ମକ ଶିକ୍ଷା। କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ଦଣ୍ଡାବାଡ଼ି ଉନ୍ନୀତ ଆଶ୍ରମ ବିଦ୍ୟାଳୟ ହେଉଛି ଏହାର ଏକ ନମୁନା।

ଦଣ୍ଡାବାଡ଼ି ଉନ୍ନୀତ ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ୪୦୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟର ୧୦୦ ଓ ୪୦ ଶଯ୍ୟାବିଶିଷ୍ଟ ଛାତ୍ରୀ ନିବାସ ଏବଂ ୨୨୦ ଶଯ୍ୟାବିଶିଷ୍ଟ ଛାତ୍ରନିବାସରେ ୩୭୦ ଜଣ ପିଲା ଓ ଡେ ସ୍କଲାର ଭାବେ ଦଣ୍ଡାବାଡି, କାଞ୍ଚନପାଡୁ, ଚିନ୍ତାଗୁଡ଼ାର ୩୫ ଜଣ ପାଠ ପଢୁଛନ୍ତି। ଏମାନଙ୍କ ପାଇଁ ପ୍ରଧାନ ଶିକ୍ଷକଙ୍କ ସମେତ ମାତ୍ର ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଛି । ସେହିପରି ବିଦ୍ୟାଳୟ ପରିସରରେ ଥିବା ୨ଟି ନଳକୂପ ମଧ୍ୟରୁ ଗୋଟିଏ ଠିକ୍ ଭାବେ କାମ କରୁଥିବାବେଳେ ଅନ୍ୟଟି ଦୁଇ ବାଲଟି ପାଣି ବାହାରିବା ପରେ ବନ୍ଦ ହୋଇଯାଉଛି । ତେଣୁ ଏତେ ସଂଖ୍ୟକ ଛାତ୍ରୀଛାତ୍ର ଏକାବେଳକେ ଗାଧୋଇବା ସହ ନିଜର ଅନ୍ୟ କାର୍ଯ୍ୟ କରିବା ସମ୍ଭବ ହୋଇପାରୁନାହିଁ । ତେଣୁ ଏଠାରେ ତୁରନ୍ତ ଗୋଟିଏ ନଳକୂପ ଖୋଳିବା ପାଇଁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି। ସେହିପରି ବିଦ୍ୟାଳୟ ପାର୍ଶ୍ୱର ପାଚେରି ଦୀର୍ଘ ଦିନ ହେବ ଭାଙ୍ଗିଯାଇଥିବା ଯୋଗୁ ଜୀବଜନ୍ତୁ ବିଦ୍ୟାଳୟ ପରିସରକୁ ପଶିଆସୁଛନ୍ତି। ସେଥିପାଇଁ ସବୁବେଳେ ଛାତ୍ରୀଛାତ୍ର ରାତିରେ ଭୟଭୀତ ହୋଇ ରହୁଛନ୍ତି। ଶିକ୍ଷକ ଅଭାବ, ପାଚେରି ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନେଇ ପ୍ରଧାନ ଶିକ୍ଷକ ଜୀବନ ଚନ୍ଦ୍ର ଲିମା କହିଛନ୍ତି, ଏନେଇ ମୁଁ ବ୍ଲକ ମଙ୍ଗଳ ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ସମସ୍ୟାର ସମାଧାନ ପାଇଁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।



ଦଣ୍ଡାବାଡ଼ି ଉନ୍ନୀତ ଆଶ୍ରମ ବିଦ୍ୟାଳୟର ପାଚେରି ଭାଙ୍ଗିଯାଇଛି।

## ସଂକ୍ଷେପରେ



### ସନ୍ଦେହ ଘେରରେ କାରପୋଡ଼ି

**ରାଇଘର,୨୮।୭(ଡି.ଏନ୍.ଏ.):** କୋରାପୁଟ ଜିଲା ନନ୍ଦପୁର ଗାଁର ରବିନ ଶର୍ମା ସାଙ୍ଗ ଜଗନ୍ନାଥ ଖୁଣ୍ଟିଆଙ୍କୁ ନେଇ ରାୟପୁରସ୍ଥିତ ଭାଇ ଘରକୁ ଶନିବାର ରାତିରେ ନିଜ କାର୍ ଯୋଗେ ଯାଉଥିଲେ। ଏହି ସମୟରେ ବନିପଦର-ସରଗୁଲି ରାସ୍ତା ମଝିରେ ଗାଡି ରଖି ପରିସ୍ରା କରିବାକୁ ସେ ବାହାରକୁ ବାହରି ଥିଲେ। ହଠାତ୍ କିଛି ଲୋକ ତାଙ୍କୁ ପାଟି କରିବାରୁ ସେମାନେ ଗାଡ଼ି ଛାଡି ଦୌଡି ପଳାଇଥିଲେ। ଏ ନେଇ ସେମାନେ ରାଇଘର ଥାନାରେ ଆସି ଏକ ଏତଲା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ତାଙ୍କ କାରରେ କେହି ନିଆଁ ଲଗାଇ ଦେଇଥିଲେ। ଏଥିରେ କାର୍‌ଟି ସମ୍ପୂର୍ଣ୍ଣ ପୋଡି ଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

### ବ୍ୟାଙ୍କ ଏଜିଏମ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ପାପଡାହାଣ୍ଡି,୨୮।୭,(ଡି.ଏନ୍ଏ.):** କୋରାପୁଟ କେସିସି ବ୍ୟାଙ୍କ ପାପଡାହାଣ୍ଡି ଶାଖା ପକ୍ଷରୁ ରବିବାର ସ୍ଥାନୀୟ ଡାକ ବଙ୍ଗଳାରେ ଏଜିଏମ୍ ବିନୋଦ ଷଡଙ୍ଗୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନବରଙ୍ଗପୁର ଆର୍‌ସିଏମ୍‌ଏସ୍ ସଭାପତି ସୁଶାନ୍ତ କୁମାର ବେହେରା, ସ୍ୱାଧୀନ ପଟ୍ଟନାୟକ, କେସିସି ବ୍ୟାଙ୍କ ପାପଡାହାଣ୍ଡି ଶାଖା ଅଧିକାରୀ ଉମା ସାହୁ ପ୍ରମୁଖ ଅତିଥିଭାବେ ମଞ୍ଚାସିନ ଥିଲେ। ଏହି ଅବସରରେ ପାପଡାହାଣ୍ଡି ଲାମ୍ପସ୍ ଏମ୍‌ଡି ଇସମାଇଲ ସନଫୁଲ, ମଇଦଲପୁର ଲାମ୍ପସ୍ ଏମ୍‌ଡି ବୁଲୁ ନାୟକ, କୋଡ଼ିଙ୍ଗା ଏମ୍‌ଡି ସୁଶାନ୍ତ ଖରା ଏବଂ କୋଷାଗୁମୁଡ଼ା ଲାମ୍ପସ୍ କର୍ମଚାରୀ ଉପସ୍ଥିତ ଥିଲେ। ବିନୋଦ ଷଡଙ୍ଗୀ ଆସନ୍ତା ୩୦ରେ ଅବସର ନେବେ।

### ଭାଜପାର ସଦସ୍ୟତା ଅଭିଯାନ

### ପ୍ରଥମ ଦିନରେ ଦଳରେ ମିଶିଲେ ୨୦ଜଣ



**ଚନ୍ଦାହାଣ୍ଡି, ୨୮।୭(ଡି.ଏନ୍.ଏ.):** ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ଏବଂ ଚନ୍ଦାହାଣ୍ଡି ମଣ୍ଡଳଠାରେ ବ୍ଲକ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ଆରମ୍ଭ କରାଯାଉଛି। ଚନ୍ଦାହାଣ୍ଡିସ୍ଥିତ ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ଗୋବିନ୍ଦ କୁମାର ଜୈନଙ୍କ ଅଧକ୍ଷତାରେ ଅତିଥିଭାବେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଏଥିରେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଲୋକଙ୍କ ନିକଟତର ହୋଇ ଦଳର ନୀତି ଆଦର୍ଶ ସମ୍ପର୍କରେ ବୁଝାଇବାକୁ ବଳଭଦ୍ର କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘ ଏବଂ ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାଜପା ନେତା ତଥା ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି, ମହେନ୍ଦ୍ର ନାୟକ, ଦେବହରି ସାଗର, ମୁକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୨୦ ଜଣ ଭାଜପାରେ ସାମିଲ ହୋଇଛନ୍ତି।

### ବାଲୁଙ୍କେଶ୍ୱର ବୋଲବମ୍ ସଂଘର ଗୁପ୍ତେଶ୍ୱର ଗସ୍ତ

**ପାରଳାଖେମୁଣ୍ଡି, ୨୮।୭ (ସ୍ୱ.ପ୍ର.):** ପାରଳାଖେମୁଣ୍ଡିର ବାଲୁଙ୍କେଶ୍ୱର ବୋଲବମ୍ ସଂଘର ପ୍ରାୟ ୩୦ଜଣ ସଦସ୍ୟ ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଜଳଲାଗି ପାଇଁ ରବିବାର କୋରାପୁଟ ଯାଇଛନ୍ତି। ସୋମବାର ସକାଳେ ସେମାନେ ଗୁପ୍ତେଶ୍ୱର ମହାଦେବଙ୍କ ପାଖରେ ଜଳଲାଗି କରିବେ। କୋରାପୁଟ ଜିଲା ଲମତାପୁଟ ଛକସ୍ଥିତ ପାତ୍ରପୁଟ ଗ୍ରାମ ଦେଇଯାଇଥିବା ଏକ ଜଳାଶୟରୁ ଏହି କାଉଡିଆମାନେ ଜଳ ଉଠାଇବେ।

■ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜିଲା ସଂଘ ବୈଠକ, କର୍ମକର୍ତ୍ତା ଚୟନ

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମିଳୁ ପେନ୍‌ସନ

**ଡାବୁଗାଁ, ୨୮।୭ (ଡି.ଏନ୍.ଏ.)**



ନବ ନିର୍ବାଚିତ କମିଟି ସଦସ୍ୟମାନେ।

ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସାଧାରଣ ଅଧିବେଶନ ସଭାପତି ପୁନିତରାମ ଗଣ୍ଡଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ସଂଘର ଦୃଢୀକରଣ ଓ ଏକତାବଦ୍ଧ ଉପରେ ଆଲୋଚନା କରାଯାଇଥିଲା। ସଂଘର ବିଭିନ୍ନ ନ୍ୟାଯ୍ୟ ଦାବି ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ସେଗୁଡିକ ପୂରଣ ପାଇଁ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ୨୦୦୫ ପରେ ନିଯୁକ୍ତି ପାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପେନସନ ଲାଗୁ, ଗୋଟିଏ ପଞ୍ଚାୟତରେ କେବଳ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି ପ୍ରମୁଖ ମୁଖ୍ୟ ଦାବି ରହିଥିଲା। ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଏ.ଡି. ପ୍ରସାଦ, ଉତ୍କଳ ଭତ୍ରା ଓ ରମେଶ କୁମାର ବଳିଆରସିଂ ଉପସଭାପତି, ନିତ୍ୟାନନ୍ଦ ନାୟକ ସାଧାରଣ ସମ୍ପାଦକ, ରମେଶ ଚନ୍ଦ୍ର ହରିଜନ ଓ ସୁବାସ ଚନ୍ଦ୍ର ଡାଲି ସହସମ୍ପାଦକ, କେ. ହୃଷୀକେଶ କୋଷାଧ୍ୟକ୍ଷ, ପୁନିତରାମ ଗଣ୍ଡ ଓ ସଂଗ୍ରାମ ପଟ୍ଟନାୟକଙ୍କୁ ରାଜ୍ୟ ସଂଘ ପ୍ରତିନିଧି ଭାବେ ନିର୍ବାଚିତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ୧୦ ଜଣଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ନିର୍ବାଚନକୁ ପ୍ରଦୀପ କୁମାର ପଟ୍ଟନାୟକ ଓ ସୀମାଞ୍ଚଳ ଦାଶ ପରିଚାଳନା କରିଥିଲେ। ପରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ଜିଲାର ୧୦ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାୟକ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

■ ଏବିଭିପିର ବିଭାଗ ଅଭ୍ୟାସ ବର୍ଗ

## ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ବୈଠକରେ ଅତିଥି ଓ ଏବିଭିପି ସଦସ୍ୟମାନେ।

**ପାରଳାଖେମୁଣ୍ଡି, ୨୮।୭ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଏକ ବିଭାଗ ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଛି। ଶିବିରକୁ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଜିଲା ସଂଘ ଚାଳକ ଅନାଦି ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏଭିବିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଜିତ କୁମାର ନାୟକ ଓ ଗଜେନ୍ଦ୍ର କୁମାର ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ରାଷ୍ଟ୍ର ନିର୍ମାଣ ରେ ଛାତ୍ରୀଛାତ୍ରଙ୍କ ଭୂମିକା ଯଥେଷ୍ଟ ରହିଛି ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ହରିମୋହନ ପଟ୍ଟନାୟକ, ଲୋକନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଗଜପତି, ରାୟଗଡା ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗଜପତି ଜିଲା ସଂଗଠନ ସମ୍ପାଦକ ଦେବାଶିଷ ଦାସ, ସତ୍ୟ ନାରାୟଣ, ବିଘ୍ନେଶ୍ୱର ପଣ୍ଡା, ତୁଷାର ଦାସ, ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ସତ୍ୟ ହିଁ ଜ୍ଞାନ ପ୍ରାପ୍ତିର ପଥ ପ୍ରଦର୍ଶକ

**ପାରଳାଖେମୁଣ୍ଡି, ୨୮।୭ (ସ୍ୱ.ପ୍ର.)**

ପରିଛା ମଠ ପରିସରରେ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ 'ସତ୍ୟ ହିଁ ଜ୍ଞାନ ପ୍ରାପ୍ତିର ପଥ ପ୍ରଦର୍ଶକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୀତାପଠନ, ଯୋଗାସନ ଆଦି କାର୍ଯ୍ୟକ୍ରମ କରାଯାଇଛି। ଲକ୍ଷ୍ମୀ ଚରଣ ପଟ୍ଟନାୟକ ଯୋଗଶିକ୍ଷା ଦେଇଥିଲେ। ଭୁବନେଶ୍ୱର ରାଧିକା ବାତ୍ସଲ୍ୟ ଟ୍ରଷ୍ଟ ସଭାପତି ସ୍ୱାଧି ଗୀତା ଦେବୀ ଅତିଥିଭାବେ ଯୋଗ ଦେଇଥିଲେ। ମନୋଜ ପାଣି ଓ ଗୌରୀଶଙ୍କର ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୫ କୁଇଣ୍ଟାଲ ଗଞ୍ଜେଇ ଜବତ: ୪ ଗିରଫ

**ପାରଳାଖେମୁଣ୍ଡି, ୨୮।୭ (ସ୍ୱ.ପ୍ର.)**

ଆର୍.ଉଦୟଗିରି ପୋଲିସ ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଅଞ୍ଚଳର ଗୋପାଳ କୃଷ୍ଣ ସାହୁ, ମୋହନା ଥାନା ଅଧୀନ କେଶରୀଗୁଡା ଗ୍ରାମର ପରମା ରାଇକା, ଲୁକା ଶବର, ହଲାପଙ୍କ ଗ୍ରାମର ଶରତ ବଡରଇତ। ପ୍ରକାଶ ଯେ, ଛେଲାଗଡ ମୁଖ୍ୟ ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ ଯାଉଥିବା ଦେଖି ଅଟକାଇଥିଲା। ଏହାକୁ ଯାଞ୍ଚ କରାଯିବାରୁ ଏଥିରେ ୫ କୁଇଣ୍ଟାଲ ଗଞ୍ଜେଇ ଥିବା ପୋଲିସ ଦେଖିଥିଲା। ଏଥିରେ ଥିବା ସମସ୍ତ ଲୋକଙ୍କୁ ପୋଲିସ ଗିରଫ କରିଛି।



## ନିଜ ସ୍ମରଣୀୟ ଦିନରେ ଗଛ ଲଗାଅ

**ତେନ୍ତୁଳିଖୁଣ୍ଟି,୨୮।୭(ଡି.ଏନ୍.ଏ.)**




ଚାରା ରୋପଣ ଅବସରରେ ରାମକୃଷ୍ଣ ମହିଳା ସଂଘ ସଦସ୍ୟ।

ତେନ୍ତୁଳିଖୁଣ୍ଟିସ୍ଥିତ ରାମକୃଷ୍ଣ ମହିଳା ସଂଘ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ କରାଯାଇଛି। ସଭାପତି ରଶ୍ମିତା ପ୍ରଧାନି, ସବିତା କୁମ୍ଭାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖବରଦାତା ପ୍ରଭାତୀ ବିଶୋୟୀ, ସମ୍ମାନିତ ଅତିଥିଭାବେ ହୃଷୀକେଶ ମିଶ୍ର ଯୋଗ ଦେଇଥିଲେ। ଚାରା ରୋପଣ ଉପକାରିତା, ଆଧୁନିକ ଓଡ଼ିଶା ଓ ଭାରତ ଗଠନରେ ନାରୀଶକ୍ତିର ଆବଶ୍ୟକତା, ନାରୀ ଶକ୍ତିର ସାମର୍ଥ୍ୟ ସମ୍ପର୍କରେ ମୁଖ୍ୟ ଅତିଥି କହିଥିଲେ। ମହିଳା ସଙ୍ଗଠନ ଗଠନ ଓ ଏହାର ଉପକାରିତା ସମ୍ପର୍କରେ ରଶ୍ମିତା ପୂଜାରୀ ବର୍ଣ୍ଣନା କରିଥିଲେ। ସରକାରୀ ଯୋଜନାରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଛି। ନାରୀ ସ୍ୱାବଲମ୍ବୀ ହେଲେ ନିଜର ତଥା ପରିବାରର ମଙ୍ଗଳ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ପ୍ରତ୍ୟେକ ମହିଳା ସନ୍ତାନଙ୍କ ଜନ୍ମ ଦିବସ, ନିଜର ବିବାହ ବାର୍ଷିକୀ ତଥା ନିଜ ଜୀବନରେ ପାଳନ କରୁଥିବା ସ୍ମରଣୀୟ ଦିବସରେ ଚାରା ରୋପଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ଇତ୍ୟବସରରେ ସମସ୍ତେ ଶପଥ ନେଇଥିଲେ। ଏହି ଅବସରରେ ରାସ୍ତା ଘାଟ, ଖୋଲା ପଡିଆ ଆଦିରେ ପ୍ରାୟ ୫ଶହ ଚାରା ରୋପଣ କରାଯାଇଥିଲା।

■ ଗୌସିକ ଫିଟ୍‌ନେସ ପାର୍କ ପକ୍ଷରୁ ଚାରାରୋପଣ

## ସହରକୁ ସବୁଜିମା କରିବା ଲକ୍ଷ୍ୟ

**ନବରଙ୍ଗପୁର,୨୮।୭(ବି.ପ୍ର.)**

ସହରକୁ ସବୁଜିମା କରିବା ଲକ୍ଷ୍ୟରେ ନବରଙ୍ଗପୁର ଗୌସିକ ଫିଟନେସ ପାର୍କ ପକ୍ଷରୁ ରବିବାର ଚାରାରୋପଣ କରାଯାଇଛି। ଅନୁଷ୍ଠାନ ପ୍ରଶିକ୍ଷକ ରୋମିଓ ପାତ୍ରଙ୍କ ନେତୃତ୍ୱରେ ସମସ୍ତ ପ୍ରଶିକ୍ଷାର୍ଥୀ ମଙ୍ଗଳମ ଟିମ୍ବରସ୍ ରାସ୍ତା କଡରେ ବିଭିନ୍ନ କିସମର ୫ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରିଛନ୍ତି। ଏହି ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ୫ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯିବ ସହ ତାହାର ଯତ୍ନ ନିଆଯିବ ବୋଲି ଜିଲା ବିଜେଡି ସଭାପତି ତ୍ରିପାଠୀ ସୂଚନା ଦେଇଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା ସମୀର ପାତ୍ର, ରାଜ ଲିମା, ବିକ୍ରମ ଦାଶ, ସୋନୁ ସିଂ, ଗୁପ୍ତେସ ସୁବୁଦ୍ଧି, ସୁରୋଜ ପୂଜାରୀ, ସଦ୍ଦାମ ରାଜା ଓ ଶିବୁ କୁମାରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରକାଶ ଯେ, ଗୌସିକ ଫିଟନେସ ପାର୍କରେ ୬ଶହ ପ୍ରଶିକ୍ଷାର୍ଥୀ ରହିଛନ୍ତି। ଏହି ଅନୁଷ୍ଠାନ ସେବା ମନୋଭାବ ରଖି ଜରୁରିକାଳୀନ ପରିସ୍ଥିତିରେ ଅନେକ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇ ପାରିଛି। ସୁସ୍ଥ ଓ ନିରାମୟ ରହିବା ନେଇ ସଂସ୍ଥା ଲୋକମାନଙ୍କୁ ସଚେତନ କରୁଛି।




ଚାରାରୋପଣ ଅବସରରେ ଅତିଥି ଓ ଅନ୍ୟମାନେ।

■ ୭ ଛାତ୍ରୀଛାତ୍ରଙ୍କୁ ମାଡ଼ ଘଟଣା

## ତଦନ୍ତ କରି ରିପୋର୍ଟ ଦେଲେ ବିଇଓ

**ନବରଙ୍ଗପୁର,୨୮।୭(ବି.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ମୁର୍ତ୍ତୁମା ପ୍ରାଥମିକ ବିଦ୍ୟାଳୟର ୭ ଜଣ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷୟିତ୍ରୀ ନିସ୍ତୁକ ମାଡ ମାରିଥିବା ଘଟଣାକୁ ପ୍ରଶାସନ ଗୁରୁତର ସହ ନେଇଛି। ବିଇଓ ବିକାଶ ଚନ୍ଦ୍ର ସରକାର ଘଟଣାର ତଦନ୍ତ କରି ଜିଲା ଶିକ୍ଷା ଅଧିକାରୀ ତଥା ଶିକ୍ଷା ଅଭିଯାନ ଜିଲା ସଂଯୋଜକ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କୁ ରିପୋର୍ଟ ଦେଇଛନ୍ତି। ଶୁକ୍ରବାର ସ୍କୁଲର ଜଣେ ଶିକ୍ଷୟିତ୍ରୀ ୩ୟ ଶ୍ରେଣୀର ୭ ଜଣ ଛାତ୍ରୀଛାତ୍ରଙ୍କୁ ହାତ ଓ ବାଡିରେ ନିସ୍ତୁକ ମାଡ ମାରିଥିଲେ। ଶନିବାର ବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ବେଣୁଧର ଭତ୍ରା ଆହତ ଛାତ୍ରୀଛାତ୍ରଙ୍କୁ ଉମରକୋଟ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସମସ୍ତ ପିଲାଙ୍କ ହାତ ଓ ପିଠିରେ ମାଡ ଚିହ୍ନ ଥିଲା। ଜଣେ ଛାତ୍ରର ଏକ୍ସରେ କରିବାକୁ ପଡିଥିଲା। ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ରାସ୍ତା କଡ଼ରେ ଝୁଲିଛି ବିଦ୍ୟୁତ ତାର

**ଭୟରେ ଯାତ୍ରୀ, ସ୍ଥାନୀୟ ଲୋକେ**



ରାସ୍ତା କଡ଼କୁ ଝୁଲି ରହିଥିବା ଇଲେକ୍ଟ୍ରି ତାର।

**ନବରଙ୍ଗପୁର,୨୮।୭(ବି.ପ୍ର.)**

ନବରଙ୍ଗପୁର ସହର ତଥା ୨୬ ନମ୍ବର ଜାତୀୟ ରାଜପଥ କଡ କାଠ ମିଲ ଓ ମୁଖାର୍ଜୀ କଲୋନୀ ରାସ୍ତା ନିକଟରେ ଦୁଇଟି ବିଦ୍ୟୁତ ଖୁଣ୍ଟି ବିପଦସଙ୍କୁଳ ଭାବେ ବଙ୍କା ହୋଇ ରହିଛି। ଏହାର ତାରଗୁଡିକ ତଳକୁ ଓହଳି ରହିଛି। ଏହି ରାସ୍ତା ଦେଇ ପାପଡାହାଣ୍ଡି, କଳାହାଣ୍ଡି, ବରଗଡ, ସମ୍ବଲପୁର, ଉମରକୋଟ, ରାଇଘର, ରାଇପୁର ଆଦି ଅଞ୍ଚଳକୁ ଭାରି ଯାନ, ମାଲବାହୀ ଟ୍ରକ ଓ ଯାତ୍ରୀବାହୀ ବସ ଯାତାୟାତ କରୁଛି। ବର୍ଷା ସହ ଝଡ଼ ପବନ ଲାଗି ରହିଛି। ଏଭଳି ସ୍ଥଳେ ବିଦ୍ୟୁତ ତାରଗୁଡିକ କେତେବେଳେ ଯେ ଛିଣ୍ଡି ପଡିବ ତାହା କହି ହେଉନାହିଁ। କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ବିଦ୍ୟୁତ୍ ବିଭାଗ ଏହାର ମରାମତି କରିବାକୁ ଦାବି ହୋଇଛି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିମାନେ।

**ଉମରକୋଟ, ୨୮।୭(ଡି.ଏନ୍.ଏ.)**

ଉମରକୋଟସ୍ଥିତ ଡିଏନ୍‌କେ ବଙ୍ଗଳାଠାରେ ରବିବାର ଅପରାହ୍ନରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ କମିଟି ସଭାପତି ତଥା ତହସିଲଦାର ଧର୍ମରାଜ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉମରକୋଟ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ଡା ସୁମନ୍ତ ରାଉଳ, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱାଧୀନତା ଦିବସକୁ ସୁରୁଖୁରୁରେ କିପରି ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ କରିବା ପାଇଁ ସ୍ଥାନୀୟ ବିଧାୟକଙ୍କୁ ମୁଖ୍ୟ ଅତିଥି ଭାବେ ଡକାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାଧୀନତା ଦିବସ ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା କରାଯିବ। ସ୍ୱାଧୀନତା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ୱାଧୀନତା ଦିବସ କମିଟି ସଭ୍ୟ ବ୍ରଜବନ୍ଧୁ କାଣ୍ଡି, ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ଓକିଲ ଶ୍ରୀନିବାସ ପଟ୍ଟନାୟକ, ରାମ ନାୟକ, ମନୋହର ମହାନ୍ତି, କେଟି ଜିଲାନି, ବରିଷ୍ଠ ଶିକ୍ଷକ ଟୁଟୁ ବାବୁ ପଟ୍ଟନାୟକ, ସୁନିଲ ନାୟକ, ଆର୍‌ଆଇ, ଏଆର୍‌ଆଇ, ସାମାଜିକ କର୍ମୀ ଦୁର୍ଗା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ।

# ବର୍ଷା ପରେ ବିଲମୁହାଁ ହେଲେ ଚାଷୀ

**ଆଗେଇ ଚାଲିଛି ଚାଷକାମ**

**ଚନ୍ଦାହାଣ୍ଡି, ୨୮।୭ (ଡି.ଏନ୍.ଏ.)**



ବିଲରେ ରୁଆଳି ତଳି ରୋଉଛନ୍ତି।

ବାହୁଡା ଯାତ୍ରା ପରେ ସତେ ଯେମିତି ବର୍ଷା କେଉଁଆଡେ ଉଭାନ ହୋଇ ଯାଇଥିଲା। କିନ୍ତୁ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ଷା ପୁଣି ଥରେ ନିରାଶ ଚାଷୀଙ୍କ ମୁହଁରେ ହସ ଫୁଟାଇଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ମରୁଡ଼ି ପରିସ୍ଥିତିକୁ ସାମ୍ନା କରିବାକୁ ଯାଉଥିବା ଚାଷୀମାନେ ପୁଣିଥରେ ବିଲମୁହାଁ ହୋଇଛନ୍ତି। ବର୍ଷା ଅଭାବରୁ ଜମି ଫାଟି ଆଁ କରିଥିବାବେଳେ ବୁଣାଯାଇଥିବା ଏବଂ ତଳି ପକାଯାଇଥିବା ଧାନ ଗଛ ମରିବାକୁ ବସିଥିଲା। ୨୦୧୮ ମସିହାରେ ଚନ୍ଦାହାଣ୍ଡି ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଚଳିତ ବର୍ଷ ମଧ୍ୟ ନିଅଣ୍ଟିଆ ବର୍ଷା ଯୋଗୁ ମରୁଡି ଆଶଙ୍କା କରି ଚାଷୀମାନେ ଇନ୍‌ସ୍ୟୁରାନ୍ସ କରିବା ପାଇଁ କମନସର୍ଭିସ ସେଣ୍ଟରମାନଙ୍କରେ ଧାଡ଼ି ଲଗାଇଥିଲେ। କିନ୍ତୁ ଗୁରୁବାରଠାରୁ ବର୍ଷା ହେଉଥିବାରୁ ଚାଷୀ ଜମିକୁ ଯାଇ ବେଉଷଣ ଏବଂ ରୁଆ କାମ ପୁଣି ଆରମ୍ଭ କରିଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ